# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ● ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 29, DATE : 01.08.2026 - 15.08.2026 FORTNIGHTLY (ODIA), BHUBANESWAR. PAGES-08



**ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ବାର୍ଷିକୀ ଅବସରରେ ତାଙ୍କ ଶିକ୍ଷାରୁ ...**

## ମର୍ଯ୍ୟାଦାମୟ ଜୀବନ ଯାପନର ଏକମାତ୍ର ରାସ୍ତା ହେଉଛି ଜନଗଣଙ୍କ ପାଇଁ ନ୍ୟାୟ ପ୍ରତିଷ୍ଠାର ସଂଗ୍ରାମରେ ନିଜକୁ ଅବିରତ ନିୟୋଜିତ ରଖିବା

ଫ୍ରିଡମ୍ ବିଷୟରେ ବହୁ ମନୀଷୀଙ୍କର ଭୂରି ଭୂରି ଉଦ୍ଧୃତି ଆପଣମାନଙ୍କର ମୁଖସ୍ତ ଥାଇପାରେ, ମାତ୍ର ଫ୍ରିଡମ୍ ତତ୍ତ୍ୱର ଯଥାର୍ଥ ଅର୍ଥ ଯେତେବେଳ ଯାଏ ଆପଣମାନେ ବୁଝି ନାହାନ୍ତି, ଯେତେବେଳେ ଯାଏ necessity କହିଲେ ଆପଣ ଯାହା ବୁଝିଛନ୍ତି, ସେହି ପ୍ରକ୍ରିୟାରେ ସକ୍ରିୟ ସଂଗ୍ରାମରେ ନିୟୋଜିତ ହେଉ ନାହାନ୍ତି, ସେତେବେଳ ଯାଏ necessityର ଯଥାର୍ଥ ଉପଲବ୍ଧି ଆପଣଙ୍କର ହୋଇ ନାହିଁ। ଆଉ ଏହି ସଂଗ୍ରାମ କରିବା ମଧ୍ୟଦେଇ ହିଁ ଧିରେ ଧିରେ ଫ୍ରିଡମ୍‌ର ଉପଲବ୍ଧି ଆପଣମାନଙ୍କ ମଧ୍ୟରେ କ୍ରମାଗତ ପ୍ରସ୍ଫୁଟିତ ଏବଂ ପ୍ରଜ୍ୱଳିତ ହୋଇଥାଏ। ଯେତେବେଳ ଯାଏ ଆପଣ ଏହି ସଂଗ୍ରାମ ମଧ୍ୟରେ ନାହାଁନ୍ତି, ସେତେବେଳ ପର୍ଯ୍ୟନ୍ତ ଆପଣମାନଙ୍କର ବୁଝିବା ଉପରଠାଉରିଆ ଥାଏ ଏବଂ ବୁଝିବା ମଧ୍ୟରେ ବହୁ ତ୍ରୁଟି ରହିଯାଏ। ତା'ପରେ ମଧ ଯଦି ଆପଣ କୁହନ୍ତି, ଯାହା ଯୁକ୍ତିସଂଗତ ଏବଂ ଯାହା ଉଚିତ୍ ବୋଲି ମନେକରେ ମୁଁ ତା' ପାଇଁ କାମ କରିପାରେନା; ଯାହା ଅନ୍ୟାୟ, ଦୁଷ୍ଟ, ମୋ ପକ୍ଷରେ କ୍ଷତିକାରକ ବୋଲି ମନେକରେ ତା'କୁ ମୁଁ ଜାବୁଡ଼ି ଧରିଥାଏ, ତା'ହେଲେ ମୁଁ କ'ଣ ନିଜକୁ ମନୁଷ୍ୟ ପଦବାଚ୍ୟ ବିଚାର ବୁଦ୍ଧିସଂପନ୍ନ ମଣିଷ(Rational Being) ଭାବିପାରେ ?

ଆପଣମାନେ କଣ ଏହି କଥାଟିର ଅର୍ଥ ବୁଝନ୍ତି ଯେ, you can not fight for your own freedom without fighting for the freedom of others (ଅନ୍ୟମାନଙ୍କ ସ୍ୱାଧୀନତା ପାଇଁ ଲଢେଇ ନକରି ଆପଣ ନିଜର ସ୍ୱାଧୀନତା ପାଇଁ ଲଢେଇ କରିପାରିବେ ନାହିଁ)। ଇତିପୂର୍ବରୁ ମଧ ବହୁ କ୍ଲାସରେ ଏକଥା ଆପଣମାନଙ୍କୁ କହିଛି। ଏହି ଫ୍ରିଡମ୍ କଥାଟିକୁ କିଭଳି ଭାବେ ବୁଝିବାକୁ ହେବ ? ତା' ବୁଝିବାକୁ ହେବ - ତୁମେ ଯଦି ନିଜେ ବିକାଶଲାଭ କରିବାକୁ ଚାହଁ, ସମାଜର ବିକାଶ ନିମନ୍ତେ ତୁମର ଯଦି ଉଦ୍‌ବେଗ ଏବଂ ଆକାଂକ୍ଷା ଥାଏ, ସଂସ୍କୃତି ସମ୍ପନ୍ନ, ରୁଚି ସମ୍ପନ୍ନ, ଶାଳୀନତା ଏବଂ ମର୍ଯ୍ୟାଦାସମ୍ପନ୍ନ ଜୀବନଯାପନ କରିବାକୁ ଯଥାର୍ଥରେ ହିଁ ଯଦି ତୁମେ ଚାହଁ ଏବଂ ମର୍ଯ୍ୟାଦା ସମ୍ପର୍କରେ ତୁମର ଯଦି କୌଣସି ଭ୍ରାନ୍ତ ଧାରଣା ନଥାଏ, ମର୍ଯ୍ୟାଦା ଅର୍ଥ ଟଙ୍କା ପଇସା, ମର୍ଯ୍ୟାଦା ଅର୍ଥ ଆଇ.ସି.ଏସ୍ ଅଫିସର ହେବା, ହାଇକୋର୍ଟର ଜଜ ହେବା, ମିନିଷ୍ଟର ହେବା, ଚିଫ ମିନିଷ୍ଟର ହେବା, ମର୍ଯ୍ୟାଦା ଅର୍ଥ ଆମ୍ବାସଡର(ରାଷ୍ଟ୍ରଦୂତ) ହେବା ଏବଂ ଗାଡ଼ି ଘୋଡ଼ା ରଖିବା; ଲୋକେ ମୋତେ ସାର୍ ସାର କହିବେ, ଏହି ପ୍ରକାର ଭାବନା ଯଦି ତୁମର ନଥାଏ, ମର୍ଯ୍ୟାଦା ସମ୍ପର୍କରେ ଯଥାର୍ଥ ଉପଲବ୍ଧି ଯଦି ତୁମର ଥାଏ, ତା'ହେଲେ ଏହି ସମାଜରେ ଏହାର ଗୋଟିଏ ମାତ୍ର ଅର୍ଥ ରହିଛି।' ତା' ହେଉଛି ଏହି ସମାଜରେ ଯଦି ପ୍ରକୃତରେ ମର୍ଯ୍ୟାଦାର ସହିତ, ସମ୍ମାନର ସହିତ ନିଜର ମଥା ଉଚ୍ଚ କରି ବିବେକର ଅନୁଶାସନ ଅନୁଯାୟୀ ଚାଲିବାକୁ ଚାହଁ, ତା'ହେଲେ ତାହା ହେଉଛି, 'The only way to lead your life in honourable way is to engage yourselves constantly in the struggle of the masses for justice.' ଅନ୍ୟାୟ ବିରୁଦ୍ଧରେ ସମାଜର ସର୍ବସ୍ତରର ଜନସାଧାରଣଙ୍କର ସଂଗ୍ରାମ ସଂଗଠିତ କରିବା ଏବଂ ସେମାନଙ୍କୁ ନେଇ ଲଢେଇ କରିବା ତଥା ଏହି ଲଢେଇ ସଂଗଠିତ କରିବା କାର୍ଯ୍ୟରେ ଏବଂ ସଂଗ୍ରାମରେ ନିଜକୁ ନିୟୋଜିତ କରିବା ମଧ୍ୟଦେଇ ହିଁ ତୁମେ ଏକମାତ୍ର ମର୍ଯ୍ୟାଦା ଏବଂ ଡିଗ୍ନିଟି ସମ୍ପନ୍ନ ଜୀବନଯାପନ କରିପାର। ଅନ୍ୟଥା, ସମସ୍ତ ରାସ୍ତା ହେଲା ଆତ୍ମ ପ୍ରତାରଣା(Self deception), ମର୍ଯ୍ୟାଦାର ନୁହେଁ- ଅହଂ ମାତ୍ର। କାରଣ ଏହି ସମାଜରେ ୱାଗନ୍ ବ୍ରେକରମାନଙ୍କ ଟଙ୍କାରେ ସମ୍ପତ୍ତି କଲେ ମଧ ମର୍ଯ୍ୟାଦା ମିଳେ, ଫୁଲମାଳା ମିଳେ, ଡକାୟତି-ଗୁଣ୍ଡାମୀ ରାସ୍ତାରେ ଟଙ୍କା କମାଇଲେ ମଧ ସମ୍ମାନ ମିଳେ, ତା'ପରେ ସେ ଟଙ୍କା ବଳରେ ଏମ୍‌ଏଲ୍‌ଏ, ଏମ୍‌ପି ହୁଅନ୍ତି, ପରେ ପୁଣି ସେ ମନ୍ତ୍ରୀ ହୁଅନ୍ତି ଏବଂ ବାଣୀ ଶୁଣାଇ ଚାଲନ୍ତି। ସେ ଯଦି ଏହିସବୁ ଶସ୍ତା ମର୍ଯ୍ୟାଦାରେ ଆତ୍ମସନ୍ତୁଷ୍ଟି ପାଆନ୍ତି, ତା' ହେଲେ ଫ୍ରିଡମ୍‌କୁ ନେଇ ଏତେ ମୁଣ୍ଡ ଖେଳାଇବାର ଦରକାର କ'ଣ ?

*(ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ)*

★★★

## ଦିଲ୍ଲୀର ଛାତ୍ର ଯୁବ ଆନ୍ଦୋଳନ ପ୍ରମାଣ କଲା - ଜାଗ୍ରତ ଯୌବନର ଶକ୍ତି ଅପରାଜେୟ

୨୦୨୬ ଜୁଲାଇ ମାସ ୨୦ ତାରିଖ। ବିଭିନ୍ନ ପ୍ରଫେସନାଲ କୋର୍ସରେ ନାମଲେଖା ଓ ଚାକିରି ପାଇଁ କରାଯାଉଥିବା ପରୀକ୍ଷାରେ ବାରମ୍ବାର ପେପର ଲିକ୍, ବିଶେଷ କରି ଡାକ୍ତରୀ ପଢ଼ିବାପାଇଁ କରାଯାଇଥିବା ଚଳିତ ବର୍ଷର ନିଟ - ୟୁଜି (NEET - UG) ପରୀକ୍ଷାରେ ପେପର ଲିକ୍ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ପେପର ଲିକ୍ ଯୋଗୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟାର ପଥ ବାଛି ନେଇଥିବା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ପରିବାରକୁ ଏକକୋଟି ଟଙ୍କା ସହାୟତା ରାଶି ପ୍ରଦାନ ଓ ଅନ୍ୟାନ୍ୟ ଦାବିରେ ଦିଲ୍ଲୀର ଜନ୍ତର ମନ୍ତର ଠାରେ ମାସାଧିକ କାଳ ଧରି ଚାଲିଥିବା ଆନ୍ଦୋଳନ ଓ ପ୍ରସିଦ୍ଧ ପରିବେଶବିତ୍ ସୋନମ ୱାଙ୍ଗଚୁକ୍ ଙ୍କ ସମେତ ଅନ୍ୟ ଛାତ୍ର ଛାତ୍ରୀ ମାନଙ୍କ ଆମରଣ ଅନଶନକୁ କେନ୍ଦ୍ର ବିଜେପି ସରକାରର ଲଗାତର ଉପେକ୍ଷା ପ୍ରତିବାଦରେ 'ଚଲୋ ସଂସଦ' ଡାକରାର ଦିନ। ସେଦିନ ସିନ୍ଦୁରା ଫିଟିବା ପୂର୍ବରୁ ଚତୁର୍ଦ୍ଦିଗରୁ ଦିଲ୍ଲୀ ଅଭିମୁଖେ ଧର୍ମ, ଜାତି, ଅଂଚଳ, ଭାଷା ନିର୍ବିଶେଷରେ ତରୁଣ ତରୁଣୀ, ଛାତ୍ର ଓ ଯୁବକ ମାନଙ୍କର ସୁଅ। ଏମାନଙ୍କୁ ଅଟକାଇବାପାଇଁ ଦିଲ୍ଲୀର ସମସ୍ତ ରେଳ ଷ୍ଟେସନ, ବସ ଷ୍ଟାଣ୍ଡ ଏବଂ ବିମାନ ବନ୍ଦରରେ ରଚନା କରାଯାଇଥିବା ସଶସ୍ତ୍ର ପୁଲିସ ବାହିନୀର ବ୍ୟୁହ ଭେଦ କରି ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀ, ତରୁଣ ତରୁଣୀ ଦିଲ୍ଲୀ ମହାନଗରୀର ଛାତି ଉପରେ ଅଜାଡ଼ି ହୋଇ ପଡୁଥିଲେ। ସୂର୍ଯ୍ୟ ଉଇଁଲା ବେଳକୁ କେନ୍ଦ୍ର ଦିଲ୍ଲୀରେ ଜନସମୁଦ୍ର, ତିଳ ଧାରଣ ପାଇଁ ସ୍ଥାନ ନାହିଁ। ତୁହାକୁ ତୁହା ମୌସୁମୀ ବର୍ଷା ମାଡ ଖାଇ ବ୍ୟାରିକେଡ଼ ପରେ ବ୍ୟାରିକେଡ଼ ଭାଙ୍ଗି, ସଶସ୍ତ୍ର ଦିଲ୍ଲୀ ପୁଲିସ, ରାପିଡ ଆକ୍ସନ ଫୋର୍ସ ଓ ପୁଲିସ୍ ସହିତ ମିଶି ସାଦା ପୋଷାକରେ ମୁନିଆ କଣ୍ଟା ଲଗା ଲାଠିଧରି ଆନ୍ଦୋଳନକାରୀ ମାନଙ୍କ ଉପରେ ହାମଲା ଚଳାଇଥିବା ଗୁଣ୍ଡା ବାହିନୀର ବର୍ବର ଆକ୍ରମଣ, ଅମାନୁଷିକ ଲାଠି ଚାଳନା, ଲୁହବୁହା ଗ୍ୟାସ ମାଡ, ପେଲେଟ ବନ୍ଧୁକର ଗୁଳିକୁ ମୁକାବିଲା କରି, ସ୍ପଷ୍ଟ ଦିବାଲୋକରେ ତରୁଣୀ ଓ ଯୁବତୀ ମାନଙ୍କ ପ୍ରତି ସଶସ୍ତ୍ର ବାହିନୀ କରୁଥିବା କୁତ୍ସିତ ଯୌନ ନିର୍ଯାତନାକୁ ବେଖାତିର କରି ପ୍ରତିଜ୍ଞାବଦ୍ଧ, ଅପ୍ରତିରୋଧ ତରୁଣ ତରୁଣୀ ମାନଙ୍କ ଲଢୁଆ ବାହିନୀ ମାଡ଼ି ଚାଲିଥିଲା ସଂସଦ ଭବନ ଅଭିମୁଖେ। ତରୁଣ ତରୁଣୀ ବାହିନୀ ସହିତ କାନ୍ଧକୁ କାନ୍ଧ ମିଳାଇ ରାସ୍ତାକୁ ଓହ୍ଲାଇଥିଲେ ଦିଲ୍ଲୀ ମହାନଗରୀର ହଜାର ହଜାର ସାଧାରଣ ଜନତା। ନିଜର ଅପ୍ରାପ୍ତବୟସ୍କ ସନ୍ତାନ ମାନଙ୍କୁ ସାଙ୍ଗରେ ଧରି ଏଥିରେ ସାମିଲ ହୋଇଥିଲେ ଅସଂଖ୍ୟ ପିତା ମାତା।

ଜଣେ ଶୋଭାଯାତ୍ରାକାରୀ ଯୁବକଙ୍କୁ ଚାରିଆଡୁ ଘେରିଯାଇ ରାପିଡ ଆକ୍ସନ ଫୋର୍ସର ଯବାନ ମାନେ ନିର୍ମମ ପ୍ରହାର କରୁଥିବାବେଳେ ଯୁବକ ଜଣକ ଅବିଚଳିତ ଭାବରେ ଓ ବୀରତ୍ୱର ସହିତ ଆହ୍ୱାନ ଦେଉଥିଲେ 'ମାର, ମାର ଆହୁରି ମାର କିନ୍ତୁ ମୁଁ ପଛକୁ ହଟିବି ନାହିଁ ସଂସଦ ଭବନରେ ପହଂଚିବି'। ପୁଲିସ ମାଡ଼ରେ ତଳେ ପଡିଥିବା ଜଣେ ଲହୁଲୁହାଣ ତରୁଣୀ ନିଜ ଇନଷ୍ଟାଗ୍ରାମରୁ ବନ୍ଧୁ ମାନଙ୍କ ଉଦ୍ଦେଶ୍ୟରେ ପୋଷ୍ଟ କରୁଥିଲେ 'ଜନ୍ତର ମନ୍ତର ଅଭିଯାନ ସଫଳ ହେଲା, ଦିଲ୍ଲୀ ପୁଲିସ ମତେ ଧରାଶାୟୀ କରିଛି'। ଚଲୋ ସଂସଦ ଅଭିଯାନରେ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

**ଭିତର ପୃଷ୍ଠାରେ**

★ କମ୍ରେଡ୍ ରବିନ ସମାଜପତିଙ୍କ ପ୍ରତି କେନ୍ଦ୍ରୀୟ କମିଟିର ଶ୍ରଦ୍ଧାଞ୍ଜଳି

★ କେଉଁଝର ଜିଲ୍ଲାର ପାଟଣା ବ୍ଲକରେ ବଳପୂର୍ବକ ଜମି ଅଧିଗ୍ରହଣ ଓ ପ୍ରତିରୋଧକାରୀଙ୍କ ଉପରେ ବର୍ବାରୋଚିତ ଦମନ ପୀଡନ

★ ବିଶ୍ୱକପ ଫୁଟବଲ ଖେଳରେ ମାର୍କିନ ଦାଦାଗିରି

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପଲିଟବ୍ୟୁରୋ ସଦସ୍ୟ, ଆମୃତ୍ୟୁ ବିପ୍ଳବୀ କମ୍ରେଡ୍ ରବିନ ସମାଜପତିଙ୍କ ପ୍ରତି କେନ୍ଦ୍ରୀୟ କମିଟିର ଶ୍ରଦ୍ଧାଞ୍ଜଳି

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପଲିଟବ୍ୟୁରୋର ପ୍ରବୀଣ ସଦସ୍ୟ ତଥା ଝାଡ଼ଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ରବିନ ସମାଜପତି ମସ୍ତିଷ୍କରୁ ରକ୍ତକ୍ଷରଣ ଯୋଗୁ ୨୦୨୬ ଜୁନ୍ ୨୬ ତାରିଖରେ କୋଲକାତାସ୍ଥ ନ୍ୟାସନାଲ୍ ନ୍ୟୁରୋସାଇନ୍ସ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା।

ଦରିଦ୍ର ପରିବାରର ସନ୍ତାନ କମ୍ରେଡ୍ ରବିନ ସମାଜପତି କୋଲକାତାର ଚାରୁଚନ୍ଦ୍ର କଲେଜରେ ପଢ଼ିବା ସମୟରେ ଛାତ୍ର ସଂଗଠନ ଏଆଇଡିଏସଓ ର ସଂସ୍ପର୍ଶରେ ଆସିଥିଲେ ଏବଂ ଏହି ସଂଗଠନ ମାଧ୍ୟମରେ ସେ ଏ ଯୁଗର ଅନ୍ୟତମ ଅଗ୍ରଗଣ୍ୟ ମାର୍କ୍ସବାଦୀ ଚିନ୍ତାନାୟକ, ସର୍ବହାରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ବୈପ୍ଳବିକ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇ ଜଣେ କମ୍ୟୁନିଷ୍ଟ ବିପ୍ଳବୀର ଜୀବନ ବାଛି ନେଇଥିଲେ। ପରିବାର, ପିତାମାତାଙ୍କ ଆଶା ଆକାଂକ୍ଷା ତାଙ୍କୁ ପଛକୁ ଟାଣିରଖି ପାରିନଥିଲା। ୧୯୭୬ ମସିହା ଜରୁରୀକାଳୀନ ପରିସ୍ଥିତି ସମୟରେ ମହାନ ମାନବତାବାଦୀ ସାହିତ୍ୟିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ ଶତବାର୍ଷିକୀ ଉଦଯାପନ ଉପଲକ୍ଷେ ଗଠିତ 'ସାରା ବାଂଲା ଶରତ ଶତବାର୍ଷିକୀ କମିଟି'ର ଜଣେ ସଂଗଠକ ଭାବରେ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିଥିଲେ। ଶରତଚନ୍ଦ୍ରଙ୍କ ସମ୍ପର୍କରେ କମ୍ରେଡ୍ ଶିବଦାସ ଘୋଷଙ୍କ ଅନନ୍ୟ ମୂଲ୍ୟାୟନ ସେ ରାଜ୍ୟର ସର୍ବତ୍ର ବହନ କରି ନେବାକୁ ଚେଷ୍ଟା କରିଥିଲେ। ୧୯୭୭ ମସିହାରେ ପଶ୍ଚିମବଙ୍ଗରେ ସିପିଆଇ(ଏମ୍) କ୍ଷମତାକୁ ଆସିବା ପରେ ପ୍ରାଥମିକ ସ୍ତରରୁ ଇଂରାଜୀ ଓ ପାସ-ଫେଲ୍ ଉଚ୍ଛେଦ କରିବା ବିରୁଦ୍ଧରେ ଏବଂ ୧୯୮୩ ମସିହାରେ ବସ୍ ଭଡ଼ା ବୃଦ୍ଧି ବିରୋଧୀ ଆନ୍ଦୋଳନରେ କମ୍ରେଡ୍ ରବିନ ସମାଜପତି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ସଂଗ୍ରାମ ମଧ୍ୟ ଦେଇ କାଳକ୍ରମେ ସେ ଏଆଇଡିଏସଓର ସର୍ବଭାରତୀୟ ନେତାରେ ପରିଣତ ହୋଇଥିଲେ। ୧୯୮୬ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ଏଆଇଡିଏସଓର ସର୍ବଭାରତୀୟ ସମ୍ମିଳନୀରେ ସେ ସଂଗଠନର ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିଲେ। ସେହି ସମୟରୁ ହିଁ ଦଳର ପ୍ରୟୋଜନରେ ସେ ପଶ୍ଚିମବଙ୍ଗ ବାହାରେ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ସାଂଗଠନିକ ଦାୟିତ୍ୱ ପାଳନ କରୁଥିଲେ।

କମ୍ରେଡ୍ ରବିନ ସମାଜପତିଙ୍କ ମୃତ୍ୟୁ ପରେ କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ସ୍ୱପନ ଚାଟାର୍ଜୀଙ୍କୁ ଝାଡଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ ଭାବରେ ଦଳର କେନ୍ଦ୍ରୀୟ କମିଟି ଦ୍ୱାରା ମନୋନୀତ କରାଯାଇଛି।

୧୯୯୪ ମସିହାରେ ସେ ଏସୟୁସିଆଇ (କମ୍ୟୁନିଷ୍ଟ)ର ପଶ୍ଚିମବଙ୍ଗ ରାଜ୍ୟ କମିଟିର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିହାର ପାର୍ଟି ସଂଗଠନର କିଛି ସମସ୍ୟା କାରଣରୁ ଦଳର ନିର୍ଦ୍ଦେଶରେ କମ୍ରେଡ୍ ରବିନ ସମାଜପତି ବିହାର ଯାଇଥିଲେ ଏବଂ ତାଙ୍କ ଭୂମିକା ଅଚିରେ ତାଙ୍କୁ କମ୍ରେଡ୍ ମାନଙ୍କର ପ୍ରିୟ ନେତାରେ ପରିଣତ କରିଥିଲା। ପରବର୍ତ୍ତୀ ସମୟରେ ବିହାର ରାଜ୍ୟକୁ ପ୍ରଶାସନିକ ଭାବେ ଦୁଇ ଭାଗ କରାଯିବା ପରେ ଦଳ ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟକୁ ପଠାଇଥିଲା। ଅସୁସ୍ଥ ଶରୀର ସତ୍ତ୍ୱେ ବି ସେ ସେହି ଦାୟିତ୍ୱ ନିଷ୍ଠାର ସହିତ ମୃତ୍ୟୁ ପର୍ଯ୍ୟନ୍ତ ପାଳନ କରି ଯାଇଛନ୍ତି। ୨୦୧୨ ମସିହାରେ ସେ ଦଳର ଝାଡ଼ଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ। ୨୦୧୮ ମସିହାରେ ସେ ଦଳର ଷ୍ଟାଫ୍ ସଦସ୍ୟ ଏବଂ ସେହି ବର୍ଷ ହିଁ ପାର୍ଟିର ତୃତୀୟ କଂଗ୍ରେସରେ ସେ କେନ୍ଦ୍ରୀୟ କମିଟିର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ, ୨୦୨୧ ମସିହାରେ କେନ୍ଦ୍ରୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ସେ ପଲିଟବ୍ୟୁରୋର ସଦସ୍ୟ ହୋଇଥିଲେ। ସଂଗଠନର ପ୍ରୟୋଜନରେ ସେ ରାଜସ୍ଥାନ ମଧ୍ୟ ଯାଉଥିଲେ।

ନାନା ଶାରୀରିକ ସମସ୍ୟା କାରଣରୁ ସେ ପ୍ରାୟତଃ ଅସୁସ୍ଥ ହୋଇ ପଡୁଥିଲେ। କିନ୍ତୁ ଶାରୀରିକ



ଅସୁସ୍ଥତା କେବେବି ତାଙ୍କର ପାର୍ଟି ଦାୟିତ୍ୱ ପାଳନ କ୍ଷେତ୍ରରେ ବାଧା ସୃଷ୍ଟି କରିପାରି ନଥିଲା। ଇତିହାସ-ଜ୍ଞାନ-ବିଜ୍ଞାନର ବିଭିନ୍ନ ଦିଗ ପ୍ରତି ତାଙ୍କର ଗଭୀର ଆକର୍ଷଣ ଥିଲା।

କମ୍ରେଡ୍ ରବିନ ସମାଜପତି ନିଜର ତ୍ରୁଟି ସମ୍ପର୍କରେ କହୁଥିଲେ, ମୋର ତ୍ରୁଟି ଜାଣି ଯଦି କେହି ମୋତେ ଭଲପାଏ ତେବେ ସେ ଭଲପାଇବା ଖାଣ୍ଟି, ଆଉ ନଜାଣି ଯଦି ଭଲପାଏ ତା'ହେଲେ ସେଥିରେ ଫାଙ୍କି ରହିବ। ତାଙ୍କ ତ୍ରୁଟି ନେଇ ଜୁନିୟର କମ୍ରେଡ୍ ମାନେ ତାଙ୍କୁ ଦ୍ୱିଧାହୀନ ଭାବରେ ସମାଲୋଚନା

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ବିଶ୍ୱକପ ଫୁଟବଲ ଖେଳରେ ମାର୍କିନ ଦାଦାଗିରି

ଫୁଟବଲ ହେଉଛି ଏକ ଅଦ୍ଭୁତ ଯାଦୁ। ଏଠାରେ ଜାତି -ଧର୍ମ -ଭାଷା ଗତ ଭେଦଭାବ ନ ଥାଏ। ଲାଟିନ ଆମେରିକାର କୌଣସି ବସ୍ତିର ପିଲା, ଆଫ୍ରିକାର ଧୂଳି ଧୂସରିତ ପଡିଆର କିଶୋର, ବଙ୍ଗଳାର ନିପଟ ମଫସଲର ଫୁଟବଲ ପ୍ରେମୀ କିମ୍ବା ଓଡ଼ିଶାର ପାହାଡ଼ ଜଙ୍ଗଲ ଅଧ୍ୟୁଷିତ ଗ୍ରାମର ଆଦିବାସୀ ବାଳକ, ସମସ୍ତେ ଗୋଟିଏ ବଲ ପଛରେ ଦୌଡ଼ି ଦୌଡି କି ଆନନ୍ଦରେ ମାତି ଉଠନ୍ତି। ତେଣୁ ଫୁଟବଲକୁ କୁହାଯାଏ ଗରିବ ମଣିଷର ଖେଳ। ଶ୍ରମଜୀବୀ ମଣିଷର ଝାଳ ଓ ଲୁହ ଭିଜା ଏକ ଗଭୀର ଆବେଗ। ବହୁଜାତିକ ସଂସ୍ଥା ମଣିଷର ଏହି ଆବେଗକୁ ସାମ୍ରାଜ୍ୟବାଦୀ ରାଜନୀତିର କବଳରେ କବଳିତ କରିଛି।

**ଖେଳର ଆନନ୍ଦ ଉଲ୍ଲାସକୁ ବହୁଜାତିକ ପୁଞ୍ଜି ଗ୍ରାସ କରିଛି**

ଫିଫା (ଆନ୍ତର୍ଜାତୀୟ ଫୁଟବଲ୍ ସଂଘ) ଓ ବହୁଜାତିକ କମ୍ପାନୀମାନଙ୍କର ମୁନାଫାର ହିସାବ ନିକାଶ ଫୁଟବଲର ଆନନ୍ଦ ଉଲ୍ଲାସକୁ ଗ୍ରାସ କରିଛି। ଚଳିତ ବର୍ଷ ବିଶ୍ୱ କପ ଖେଳରୁ ୧୧ବିଲିୟନ (୧, ୧୦୦ କୋଟି ) ମାର୍କିନ ଡଲାର ଆୟର ଲକ୍ଷ୍ୟ ଫିଫା ରଖିଥିଲା, ଯାହା ଫୁଟବଲ ଇତିହାସରେ ସର୍ବୋଚ୍ଚ ରେକର୍ଡ। ଏହା ମଧ୍ୟରୁ କେବଳ ଟିକେଟ ବିକ୍ରୀ ହୋଇଛି ପ୍ରାୟ ୩ ବିଲିୟନ ଡଲାର। ବାକି ଅର୍ଥ ସ୍ପନସରସିପି ଏବଂ ଟେଲିଭିଜନରେ ପ୍ରସାର ସତ୍ତ୍ୱ ବିକ୍ରୀ କରି ଆଦାୟ କରାଯାଇଛି । 'ଡାଇନାମିକ ପ୍ରାଇସିଂ' ବ୍ୟବସ୍ଥା ଲାଗୁକରି ଟିକେଟର ଦାମ ଓ ଚାହିଦା ବଢ଼ାଇଦିଆଗଲା । ଭାରତୀୟ ମୁଦ୍ରା ଅନୁସାରେ ଗୋଟିଏ ଟିକେଟର ଦାମ ୩୧ ଲକ୍ଷ ଟଙ୍କାରୁ ବେଶୀ। ଏହା ସହିତ ଯୁକ୍ତ ଥିଲା 'ହାଇଡ୍ରେଶନ ବ୍ରେକ' ଯାହାର ଅର୍ଥ ହେଉଛି ଅଧିକ ସମୟ ଦେବା। ମୂଳ ଉଦ୍ଦେଶ୍ୟ ହେଉଛି, ଏହି ସମୟ ମଧ୍ୟରେ ବିଜ୍ଞାପନ ପ୍ରସାର କରି ଟଙ୍କା ରୋଜଗାର କରିବା। ଅଧିକାଂଶ ଦେଶ ଏହି ବ୍ରେକକୁ ବିରୋଧ କଲେବି ଫିଫା ସେଥିପ୍ରତି କର୍ଣ୍ଣପାତ କରିନାହିଁ। ଏଥିରୁ ଫିଫା ପ୍ରଚୁର ଟଙ୍କା ଆୟ କରିଛି, କେବଳ ସେତିକି ନୁହେଁ, ମୁନାଫାର ଲୋଭ ନିକଟରେ ଫୁଟବଲ ଖେଳର ଆବେଗ, ଐତିହ୍ୟ ଓ ସାଧାରଣ ଦର୍ଶକମାନଙ୍କର ଅଧିକାର ବଳି ପଡିଛି ବୋଲି ସାରା ବିଶ୍ୱର ଫୁଟବଲ ପ୍ରେମୀମାନଙ୍କର ଅଭିଯୋଗ।

**ସମସ୍ତଙ୍କ ପାଇଁ ଏହି ବିଶ୍ୱ କପ ଉନ୍ମୁକ୍ତ ନୁହେଁ**

ଫିଫା କହିଛି, 'ଫୁଟବଲ ୟୁନାଇଟସ ଦି ୱାର୍ଲଡ'- ଫୁଟବଲ ବିଶ୍ୱକୁ ଐକ୍ୟବଦ୍ଧ କରେ । କିନ୍ତୁ ଆମେରିକାର ଭିସା ନୀତି ଏବଂ ରାଜନୈତିକ ଦାଦାଗିରି କ୍ରୀଡା ଉତ୍ସବକୁ ଏକ ଚରମ ବୈଷମ୍ୟ ମୂଳକ ଓ ବିତର୍କିତ ଆସରରେ ପରିଣତ କରିଛି। ମୁକ୍ତ ଫୁଟବଲ ସ୍ଲୋଗାନକୁ ଆମେରିକାର ଏହି ନୀତି ବିଶ୍ୱ କପକୁ କେବଳ ପାଶ୍ଚାତ୍ୟ ଓ ବିଶେଷ ସୁବିଧା ପ୍ରାପ୍ତ କିଛି ଦେଶର 'ଏକଚାଟିଆ ସମ୍ପତ୍ତି'ରେ ପରିଣତ କରିଛି। ରାଜନୀତି ଓ କୂଟନୀତିର ଘୃଣିତ ନୀତି କ୍ରୀଡ଼ାବିତ୍ ଓ ମ୍ୟାଚ ଅଫିସିଆଲମାନଙ୍କର ପେସାଦାର ବୃତ୍ତିକୁ କ୍ଷତିଗ୍ରସ୍ତ କରିଛି। ଇରାନ ଟିମର ଅଧିକାଂଶ ଖେଳାଳିଙ୍କର ଭିସାକୁ ଆମେରିକା ବାତିଲ କରିଛି। ଇରାନର ଲଢେଇ କେବଳ ପଡିଆର ୧୧ ଜଣ ପ୍ରତିପକ୍ଷଙ୍କ ବିରୁଦ୍ଧରେ ନଥିଲା; ଥିଲା ଚରମ ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ। ଇରାନ ଦଳକୁ ଆମେରିକା ୪୮ ଘଣ୍ଟାରୁ ବେଶୀ ସମୟ ତା ଦେଶରେ ରହିବାକୁ ଦେଇନାହିଁ। ତେଣୁ ଇରାନ ଦଳକୁ ବାଧ୍ୟ ହୋଇ ମେକ୍ସିକୋର ତିଜୁୟାନରେ ରହିବାକୁ ହୋଇଛି। ସେଠାରୁ ସେମାନଙ୍କୁ ଯାତାୟାତ କରିବାକୁ ହୋଇଛି। ଇରାନର କେତେଜଣ ଗୁରୁତ୍ୱପୂର୍ଣ୍ଣ କର୍ମକର୍ତ୍ତା ଏବଂ ସପୋର୍ଟ ଷ୍ଟାଫଙ୍କୁ ଟିମ ସହିତ ଆସିବାକୁ ମାର୍କିନ କର୍ତ୍ତୃପକ୍ଷ ଅନୁମତି ଦେଇନାହିଁ । ଇରାନର ତାରକା ଖେଳାଳି ଆଇମେନ ହୁସେନକୁ ବିମାନ ବନ୍ଦରରେ ଘଣ୍ଟା ପରେ ଘଣ୍ଟା ଜଣେ ଅପରାଧୀଙ୍କ ଭଳି ଜେରା କରାଯାଇଛି। ୨୦୨୫ ମସିହାରେ ଆଫ୍ରିକାର ଜଣେ ଅଭିଜ୍ଞ ରେଫରି ସୋମାଲିଆର ତାରକା ଉମର ଆରାତନଙ୍କୁ ମିୟାମି ବିମାନ ବନ୍ଦରରୁ ଅପମାନଜନକ ଭାବେ ଦେଶକୁ ଫେରାଇ ଦିଆଯାଇଛି। ସେନେଗାଲ ବା ଉଜବେକିସ୍ତାନର ଖେଳାଳିମାନଙ୍କ ଉପରେ ହୋଇଥିବା 'ଅତିରିକ୍ତ ତଲାସୀ' ବିଶ୍ୱ ବ୍ୟାପୀ ଜାତିଗତ ବୈଷମ୍ୟର ବିତର୍କକୁ ତୀବ୍ର କରିଛି। ମଧ୍ୟପ୍ରାଚ୍ୟ, ଏସିଆ ଓ ଆଫ୍ରିକାର ୩୯ଟି ଦେଶ ଉପରେ ଭ୍ରମଣ ନିଷେଧାଜ୍ଞା ଜାରି କରି ଏହି ସବୁ ଦେଶର ଫୁଟବଲ ପ୍ରେମୀମାନଙ୍କୁ ଷ୍ଟାଡିୟମରୁ କାର୍ଯ୍ୟତଃ ନିର୍ବାସନକୁ ପଠାଇଦିଆଗଲା। ଟିକେଟ କିଣିବା ପରେବି ସ୍କାର୍ଟଲାଣ୍ଡର ଦର୍ଶକମାନଙ୍କର ଟ୍ରାଭେଲ ପରମିଟ ବାତିଲ କରାଯାଇଛି।

. ସୀମାହୀନ ବର୍ଣ୍ଣବାଦ ନୀତି ଖେଳ ମଧ୍ୟରେ ପ୍ରଭାବ ବିସ୍ତାର କରିଛି। ପଡିଆ ଓ ପଡିଆ ବାହାରେ ଖେଳାଳିମାନଙ୍କୁ ଲକ୍ଷ୍ୟ କରି ସାମାଜିକ ଗଣମାଧ୍ୟମରେ ଘୃଣ୍ୟ ବର୍ଣ୍ଣ ବିଦ୍ୱେଷବାଦୀ ଆକ୍ରମଣର ପ୍ରାବଲ୍ୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି ।

**ଖେଳ ପଡିଆରେ ଆଧିପତ୍ୟବାଦର ଘୃଣ୍ୟ ଖେଳ**

୨୦୨୬ ବିଶ୍ୱ କପ ଖେଳରେ ଆମେରିକାର ଭୂ - ରାଜନୈତିକ ଓ ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଆଧିପତ୍ୟବାଦୀ ନୀତି ସ୍ପଷ୍ଟ ହୋଇଯାଇଛି। କଙ୍ଗୋରେ ବ୍ରିଟିଶ ସାମ୍ରାଜ୍ୟବାଦର ପ୍ରତୀକ କିମ୍ବା ଆୟାରଲ୍ୟାଣ୍ଡର ବ୍ରିଟିଶ ଉପନିବେଶିକ ଶାସନର ବିରୋଧୀ 'ସେଲଟିକ କ୍ରସ ' ଦୁଇଟି ଦେଶର କୋଟିକୋଟି ମଣିଷର ଆତ୍ମତ୍ୟାଗ ଓ ସାର୍ବଭୌମତ୍ୱର ଜର୍ସିକୁ ନିଷିଦ୍ଧ କରି ସେମାନଙ୍କର ଜାତୀୟ ଆବେଗ ଓ ସଂଗ୍ରାମର ଐତିହ୍ୟମଣ୍ଡିତ ଇତିହାସକୁ ଅପମାନିତ କରାଯାଇଛି। କଂଗୋ ଓ ଆୟାରଲ୍ୟାଣ୍ଡର ଜର୍ସିରେ ଏହି ପ୍ରତୀକଗୁଡିକ ରହିଲେ ଫ୍ରାନ୍ସ ଓ ବ୍ରିଟେନର ଅତୀତ ଉପନିବେଶିକ ନିର୍ଯ୍ୟାତନା ଓ ଶୋଷଣର କଳା ଇତିହାସ ବିଶ୍ୱ ମଂଚରେ ନୂତନ କରି ଆଲୋଚନାର ବିଷୟ ବସ୍ତୁ ହୋଇଥାନ୍ତା। ପାଶ୍ଚାତ୍ୟ ପ୍ରଭାବଶାଳୀ ଦେଶଗୁଡ଼ିକର ଅତୀତର ଏହି ଅପରାଧକୁ ଲୁଚାଇବା ପାଇଁ ସେମାନଙ୍କ ଚାପରେ ଫିଫା ଏଗୁଡ଼ିକୁ ନିଷିଦ୍ଧ କରିଛି

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# କେଉଁଝର ଜିଲ୍ଲାର ପାଟଣା ବ୍ଲକରେ ବଳପୂର୍ବକ ଜମି ଅଧିଗ୍ରହଣ ଓ ପ୍ରତିରୋଧକାରୀଙ୍କ ଉପରେ ବର୍ବରୋଚିତ ଦମନ ପୀଡନ

କେଉଁଝର ଜିଲ୍ଲାର ପାଟଣା ବ୍ଲକର ୧୨ଟି ଗ୍ରାମର ହଜାର ହଜାର ଲୋକଙ୍କୁ ସେମାନଙ୍କର ଭିଟାମାଟି ଓ ପ୍ରାୟ ୧୧ ହଜାର ଏକର ବହୁଫସଲି ଜଳସେଚିତ ଚାଷ ଜମିରୁ ଉଚ୍ଛେଦ କରି ସେଠାରେ ଜିନ୍ଦଲ - ପୋସ୍କୋ କମ୍ପାନୀର ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାପାଇଁ ରାଜ୍ୟ ଡବଲ ଇଞ୍ଜିନ ସରକାର କମ୍ପାନୀ ମାନଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିବା ପରେ ସଂପୃକ୍ତ ଅଂଚଳର ଲୋକଙ୍କ ମୁଣ୍ଡରେ ଚଡକ ପଡିଛି। ସୁଚନାଯୋଗ୍ୟ, ୨୦୦୬ ମସିହାରେ ବିଜେଡି - ବିଜେପି ମିଳିତ ସରକାରର ଶାସନ କାଳରେ ଠିକ୍ ସେହି ଅଂଚଳରେ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଆର୍ସେଲର ମିତ୍ତଲ ସହିତ ରାଜ୍ୟ ସରକାର ବୁଝାମଣାପତ୍ର (MOU) ସ୍ୱାକ୍ଷର କରିଥିଲେ। ସେତେବେଳେ କମ୍ପାନୀ ସେଠାରେ ୧୫ ଟି ଗ୍ରାମର ପ୍ରାୟ ୧୦,୦୦୦ ଏକର କୃଷି ଜମି ଅଧିଗ୍ରହଣ କରିବ ବୋଲି ସ୍ଥିର କରାଯାଇଥିଲା। ସରକାରଙ୍କର ଏହି ନିଷ୍ପତ୍ତି ବିରୁଦ୍ଧରେ ସ୍ଥାନୀୟ ଜନସାଧାରଣ ଦୀର୍ଘ ୭ ବର୍ଷ ଧରି ଦୀର୍ଘସ୍ଥାୟୀ ଆନ୍ଦୋଳନ ଚଳାଇଥିଲେ ଏବଂ ଶେଷରେ କମ୍ପାନୀ ସେଠାରୁ ୨୦୧୩ ମସିହାରେ ବିଦାୟ ନେଇଥିଲା। ଏହା ଲୋକଙ୍କ ଗଣତାନ୍ତ୍ରିକ ଆନ୍ଦୋଳନର ଏକ ବଡ ଧରଣର ବିଜୟ ଥିଲା।

ଆର୍ସେଲର ମିତ୍ତଲ ବିଦାୟ ନେବାର ୧୩ ବର୍ଷ ପରେ ପୁଣି ଥରେ ରାଜ୍ୟ ଡ଼ବଲ ଇଞ୍ଜିନ୍ ବିଜେପି ସରକାର ଜିନ୍ଦଲ ଏବଂ ପୋସ୍କୋ ସହିତ ୨୦୨୫ ମସିହା ଜାନୁଆରୀ ମାସରେ ଏକ ବୁଝାମଣାପତ୍ର (MOU) ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ର ଅନୁଯାୟୀ ସେଠାରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବାପାଇଁ ୧୮ ଟି ଗ୍ରାମ ଉଚ୍ଛେଦ କରି ପ୍ରାୟ ୧୧ ହଜାର ଏକର କୃଷି ଜମି ଅଧିଗ୍ରହଣ କରାଯିବ। ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ପୂର୍ବରୁହିଁ ପ୍ରଥମେ ସଂଗ୍ରାମୀ କୃଷକ ସଂଗଠନ ଅଲ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଂଗଠନ ଓ ପରେ ଉଚ୍ଛେଦ ହେବାକୁ ଯାଉଥିବା ୧୮ ଟି ଗ୍ରାମର ଲଢୁଆ ଗ୍ରାମବାସୀ ମାନଙ୍କୁନେଇ ଗଠିତ ଜିନ୍ଦଲ - ପୋସ୍କୋ ପ୍ରତିରୋଧ ମଂଚ ନେତୃତ୍ୱରେ ବେଆଇନ ଜମି ଅଧିଗ୍ରହଣ ବିରୁଦ୍ଧରେ ଲଗାତର ଆନ୍ଦୋଳନ ଚାଲିଛି। ଆନ୍ଦୋଳନକାରୀ ମାନଙ୍କ ଦାବି ହେଉଛି ଜଳସେଚିତ, ଉର୍ବର , ବହୁଫସଲି ଜମିରେ ଶିଳ୍ପ ପ୍ରତିଷ୍ଠା କରିବା ପରିବର୍ତ୍ତେ କେଉଁଝର ଜିଲ୍ଲାର ବାଂଶପାଳ ବ୍ଲକର ତରମାକାନ୍ତ ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଉ। କାରଣ ଇତିପୂର୍ବରୁ ସେଠାରେ ୩ ହଜାର ଏକର ଜମି ସରକାରଙ୍କ ହାତରେ ଅଛି। ଏହା ବ୍ୟତୀତ ଏହା ସଂଲଗ୍ନ ବିସ୍ତୃତ ଖଣି ଅଂଚଳରେ ବ୍ୟାପକ ପରିମାଣର ପତିତ ଓ ଚାଷପାଇଁ ଅନୁପଯୋଗୀ ଜମି ରହିଛି। କିନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ରାଜ୍ୟ ସରକାର ଆନ୍ଦୋଳନକାରୀଙ୍କ ଏହି ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ଦାବି ମାନିନେବା ପରିବର୍ତ୍ତେ ଉର୍ବର ଚାଷ ଜମିକୁ ନଷ୍ଟ କରି ସେଠାରେ କାରଖାନା କରିବା ପାଇଁ ଜିଦ ଧରିଛନ୍ତି।

ଏହି ପରିସ୍ଥିତିରେ ରାଜ୍ୟ ବିଜେପି ସରକାର, ବିଶେଷକରି ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯେ କୌଣସି ଉପାୟରେ ସମ୍ପୃକ୍ତ ଅଞ୍ଚଳରେ ଜମି ଜବରଦଖଲ କରି କମ୍ପାନୀ ହାତକୁ ଟେକି ଦେବାପାଇଁ ସମଗ୍ର ଅଂଚଳରେ ମାସ ମାସ ଧରି ପୁଲିସ ସନ୍ତ୍ରାସ ଚାଲିଛି। ଗାଁ ଗାଁ ରେ ତୁରୁମୁଙ୍ଗା ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ରାତି ଅଧିଆ ଚଢ଼ାଉ କରୁଚି। ନିରୀହ ଲୋକଙ୍କୁ ଥାନାକୁ ଧରିନେଇ ଅତ୍ୟାଚାର କରାଯାଉଛି। ବଳପୂର୍ବକ ପୋଲିସ ସହାୟତାରେ ବାହାର ଲୋକଙ୍କୁ ଟ୍ରକ୍‌ରେ ବୋହି ବିଭିନ୍ନ ଗ୍ରାମରେ ଗ୍ରାମ ସଭା କରାଯାଉଛି। ଗ୍ରାମସଭାକୁ ପ୍ରହସନରେ ପରିଣତ କରାଯାଇଛି। ସରକାରୀ ଦଳ, ସରକାରୀ କଳ ସମଗ୍ର ଜିଲ୍ଲାର ପୋଲିସ କୁ ଗ୍ରାମବାସୀଙ୍କୁ ଦମନ କରିବା କାମରେ ଲଗାଇ ଦିଆଯାଇଛି। ଭୟରେ ପିଲାମାନେ ସ୍କୁଲ ଯାଇ ପାରୁନାହାନ୍ତି, ରୋଗୀ ଡାକ୍ତରଖାନା ଯାଇ ପାରୁନାହାନ୍ତି, ନିଜ କାମରେ ବାହାରକୁ ଯାଇଥିବା ଲୋକ ଗାଁକୁ ଫେରିବା ବେଳକୁ ସେମାନଙ୍କୁ ରାସ୍ତାରେ ହଇରାଣ ହରକତ କରାଯାଉଛି। ଗାଁ ଗାଁରେ ପୁଲିସର ଗୁଣ୍ଡା ସାଜିଥିବା ତଥାକଥିତ ଶିଳ୍ପ ସପକ୍ଷବାଦୀ ଅସାମାଜିକ ଗୋଷ୍ଠୀ ଆଇନକୁ ହାତକୁ ନେଇ ଆନ୍ଦୋଳନକାରୀ ମାନଙ୍କୁ ଉପରେ ରୀତିମତ ଆକ୍ରମଣ କରୁଛନ୍ତି। ସମ୍ପୃକ୍ତ ଅଂଚଳରେ ମାସ ମାସ ଧରି ଭୟ ଓ ଆତଙ୍କର ବାତାବରଣ ଲାଗିରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ପୂର୍ବରୁ ଜିନ୍ଦଲ - ପୋସ୍କୋ ପ୍ରତିରୋଧ ମଂଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ସାନଭାଇ ଭୁବନାନନ୍ଦ ସର୍ଦ୍ଦାରଙ୍କୁ ତାଙ୍କ ଘରର ଝରକା ଭାଙ୍ଗି ଗିରଫ କରାଯାଇ ମିଛ ମକଦ୍ଦମାରେ ମାସ ମାସ ଧରି ଜେଲ୍‌ରେ ରଖାଯାଇଛି। ଏମାନଙ୍କ ବ୍ୟତୀତ ପ୍ରାୟ ୨୦ ଜଣ ଆନ୍ଦୋଳନକାରୀଙ୍କୁ ମଧ୍ୟ ଗିରଫ କରି ମିଛ ମକଦ୍ଦମାରେ ଜେଲ ରେ ଭର୍ତ୍ତି କରାଯାଇଛି। ପ୍ରତିରୋଧ ମଂଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ଓଡିଶା ଉଚ୍ଚ ନ୍ୟାୟାଳୟର ଆଗୁଆ ଜାମିନ ଥିଲେ ମଧ୍ୟ ରତିଅଧରେ ଚଢ଼ାଉ କରି ମିଛ ମକଦ୍ଦମାରେ ଗିରଫ କରାଯାଇଛି। ସେହି ଅଂଚଳର ଆନ୍ଦୋଳନକାରୀ ଜନ ସାଧାରଣଙ୍କ ପ୍ରତି ସଂହତି ପ୍ରଦର୍ଶନ କରିବାପାଇଁ ସେଠାକୁ ଯାଇଥିବା ସଂଯୁକ୍ତ କିଷାନ୍ ମୋର୍ଚ୍ଚାର ତୁଙ୍ଗ ନେତା କମ୍ରେଡ୍ ସତ୍ୟବାନ, ଏଆଇକେକେଏମ୍‌ଏସ ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସ, କମ୍ରେଡ୍ ରାଜେନ୍ଦ୍ର ବର୍ମା ଓ କମ୍ରେଡ ରଣଜିତ୍ ପ୍ରଧାନଙ୍କୁ ଅସାମାଜିକ ଗୋଷ୍ଠୀ ରାସ୍ତାରୁ ଅପହରଣ କରି ଥାନା ଭିତରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଘଣ୍ଟା ଘଣ୍ଟା ଧରି ନିର୍ଯାତନା ଦେଇଛନ୍ତି। ପୋଲିସ ଅପହୃତ ମାନଙ୍କୁ ସହାୟତା ଦେବା ଓ ଅପରାଧୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପରିବର୍ତ୍ତେ ଅପରାଧୀ ମାନଙ୍କୁ ସୁରକ୍ଷା ଦେଇଛି। ପୁଲିସ ଅତ୍ୟାଚାରର ଖବର ପାଇ ସେଣ୍ଟର୍ ଫର୍ ପ୍ରୋଟେକସନ୍ ଅଫ ଡେମୋକ୍ରାଟିକ ରାଇଟ୍ସ ଆଣ୍ଡ ସେକ୍ୟୁଲାରିଜିମ (CPDRS) ପକ୍ଷରୁ ବରିଷ୍ଠ ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଗଠିତ ପ୍ରତିନିଧି ଦଳ ସଂପୃକ୍ତ ଅଂଚଳର ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ଆଲୋଚନା କରିବାପରେ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ପ୍ରତିକାର କରାଯାଇନାହିଁ। ପ୍ରତିରୋଧ ମଂଚର ସଭାପତିଙ୍କୁ ଗିରଫ କରିବାପାଇଁ ପୁଲିସ ବିଭିନ୍ନ ଗାଁରେ ରାତି ଅଧିଆ ଚଢ଼ାଉ କରୁଛି। ପ୍ରତିରୋଧ ମଂଚର ଉପଦେଷ୍ଟା ତଥା ରାଜ୍ୟର ବିଶିଷ୍ଟ କୃଷକ ନେତା, ଏଆଇକେକେଏମ୍‌ଏସ ରାଜ୍ୟ ସମ୍ପାଦକ କମ୍ରେଡ୍ ରଘୁନାଥ ଦାସଙ୍କୁ ଯେକୌଣସି ଉପାୟରେ ଗିରଫ କରି ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ପୁଲିସ ପ୍ରଶାସନର ଏହି ଧରଣର ଅତ୍ୟାଚାର ଓ ଲଗାତାର ଆକ୍ରମଣ ଏବଂ ବିଭିନ୍ନ ଧରଣର ପ୍ରଲୋଭନ ଦେଖାଇ ଆନ୍ଦୋଳନକୁ ଦୁର୍ବଳ କରିବାପାଇଁ ସରକାରୀ କଳ, ପୁଲିସ ଓ ସପକ୍ଷବାଦୀ ଆଳରେ ଅପରାଧୀ ଗୋଷ୍ଠୀର ସମସ୍ତ ହୀନ ଉଦ୍ୟମ ସତ୍ତ୍ୱେ ମଧ୍ୟ ସ୍ଥାନୀୟ ଜନସାଧାରଣ ନିଜର ଭିଟାମାଟି ଓ ଚାଷଜମିର ସୁରକ୍ଷାପାଇଁ ବୀରତ୍ୱପୂର୍ଣ୍ଣ ଲଢେଇ ଜାରି ରଖିଛନ୍ତି। ବାର ବାର ସ୍ଥାନୀୟ ତହସିଲ ଅଫିସ, ଜିଲ୍ଲାପାଳ ଅଫିସ, ରାଜ୍ୟ ସଚିବାଳୟ ଘେରାଉ କରାଯାଇଛି। ପୋଲିସ ଆତଙ୍କ ପ୍ରତିବାଦରେ ବାର ବାର ତୁରୁମୁଙ୍ଗା ଥାନା ଘେରାଓ କରାଯାଇଛି। ଗାଁ ଗାଁ ରେ ପୁଲିସ ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ଜମି ଅଧିଗ୍ରହଣ ଉଦ୍ୟମକୁ ଦୈହିକ ଭାବରେ ପ୍ରତିହତ କରାଯାଇଛି। ଗ୍ରାମର ମହିଳାମାନେ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଳନ କରିଛନ୍ତି।

ଏପର୍ଯ୍ୟନ୍ତ ଅଧିଗ୍ରହଣ ହେବାକୁଥିବା ୧୨ ଟି ଗ୍ରାମ ମଧ୍ୟରୁ ୧୧ ଟି ଗ୍ରାମରେ ଗ୍ରାମ ସଭା ସଫଳ ହୋଇଚି ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ ଏହା ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାପାଇଁ ଉଦ୍ଦିଷ୍ଟ। ସରକାର ଯାହା ବି ପ୍ରଚାର କରନ୍ତୁନା କାହିଁକି ଆଇନ ଅନୁଯାୟୀ ପ୍ରତି ଗ୍ରାମର ସର୍ବନିମ୍ନ ଶତକଡ଼ା ୭୦ ଭାଗ ଲୋକଙ୍କ ସ୍ୱୀକୃତି ଓ ସ୍ୱେଚ୍ଛାକୃତ ଦସ୍ତଖତ ନମିଳିଲେ ଜମି ଅଧିଗ୍ରହଣ ସମ୍ଭବ ନୁହେଁ। ଏପର୍ଯ୍ୟନ୍ତ ସଂଖ୍ୟାଧିକ ଗ୍ରାମରେ ସମସ୍ତ ଉଦ୍ୟମ ସତ୍ତ୍ୱେ ସରକାର ଆବଶ୍ୟକ ସଂଖ୍ୟକ ଲୋକଙ୍କ ଦସ୍ତଖତ ହାସଲ କରିପାରିନାହାନ୍ତି। ସୁତରାଂ ଏହି ପରିସ୍ଥିତିରେ ଆଇନଗତ ଦୃଷ୍ଟିରୁ ଜମି ଅଧିଗ୍ରହଣ ବୈଧ ନୁହେଁ। ପୁଣି ଗ୍ରାମସଭା ଡାକିବା ପାଇଁ ଆଇନ ଅନୁଯାୟୀ ଅତି କମରେ ୧୫ ଦିନ ପୂର୍ବରୁ ନୋଟିସ୍ ଜାରି କରିବାର ବ୍ୟବସ୍ଥା ଅଛି ଏବଂ ଜମି ମାଲିକଙ୍କୁ ବ୍ୟକ୍ତିଗତ ନୋଟିସ୍ ଦିଆଯିବା ବାଧ୍ୟତାମୂଳକ, ମାତ୍ର ଏହି ଆଇନ ପାଳନ କରାଯାଉ ନାହିଁ। ଜମି ଅଧିଗ୍ରହଣ ଅଧିକାରୀଙ୍କ ଏହି ବେଆଇନ କାର୍ଯ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ, ପ୍ରଭାବିତ କୃଷକମାନଙ୍କୁ ଗ୍ରାମସଭା ବାତିଲ କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରାଯାଇଛି ଏବଂ ଏହା ବିରୁଦ୍ଧରେ ଲଗାତର ଆନ୍ଦୋଳନ ଚାଲିଛି।

ଏହି ପରିସ୍ଥିତିରେ ବଳପୂର୍ବକ ବୁଲ୍‌ଡ୍ରୋଜର ଲଗାଇ ବେଆଇନ ଭାବରେ ଗାଁ ପରେ ଗାଁ ଉଚ୍ଛେଦ କରି ଜମି ଜବରଦଖଲ ବ୍ୟତୀତ ଜମି ଅଧିଗ୍ରହଣ ପାଇଁ ସରକାରଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ। ସେହି ପରିସ୍ଥିତିରେ ମଧ୍ୟ ଆନ୍ଦୋଳନକାରୀ ଜନସାଧାରଣ ସରକାରୀ ଉଦ୍ୟମକୁ ଦୃଢ଼ ପ୍ରତିରୋଧ କରିବେ ଏବଂ ଶେଷ ରକ୍ତ ବିନ୍ଦୁ ଦେଇ ନିଜର ଭିଟାମାଟି ଓ ଚାଷ ଜମିର ସୁରକ୍ଷା କରିବେ ବୋଲି ଘୋଷଣା କରିଛନ୍ତି।

★★★

## ଫୁଟବଲ୍ ଖେଳରେ . . .

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*

ବୋଲି ଅନେକ ବ୍ୟକ୍ତି ମତ ଦିଅନ୍ତି। ଫିଫାର ଏହି ନୀତି ବାସ୍ତବରେ ସାମ୍ରାଜ୍ୟବାଦୀ ଶିବିରର ଚାପ ନିକଟରେ ନତିସ୍ୱୀକାର ବ୍ୟତୀତ ଅନ୍ୟକିଛି ନୁହେଁ। ପାଶ୍ଚାତ୍ୟ ବିଶ୍ୱ ଯେତେବେଳେ ରାଜନୈତିକ ବାର୍ତ୍ତା ତୋଳିଧରିବା ପାଇଁ ବିଶେଷ ଆର୍ମବ୍ୟାଣ୍ଡ ପରିଧାନ କରେ, ଫିଫା ସେତେବେଳେ ତାକୁ ନୀରବ ସମର୍ଥ ଜଣାଏ, ଅଥଚ ଆଫ୍ରିକା ବା ଅନ୍ୟାନ୍ୟ ଦେଶ ଗୁଡିକ ନିଜ ଦେଶର ସ୍ୱାଧୀନତାର ଇତିହାସ ତୋଳିଧରିଲେ ହିଁ ଫିଫା ରାଜନୀତି ଆଳରେ ତାକୁ ଅଟକାଏ। ଫୁଟବଲ ଖେଳକୁ 'ରାଜନୀତି ମୁକ୍ତ' କରିବାପାଇଁ ପ୍ରଣୟନ କରିଥିବା ଫିପା ନିୟମଟି ବାସ୍ତବରେ ଚରମ ବୈଷମ୍ୟମୂଳକ।

### କ୍ଷମତା ନିକଟରେ ଫିଫାର ଆତ୍ମସମର୍ପଣ ଏକ କଳଙ୍କିତ ଅଧ୍ୟାୟ

ମାର୍କିନ ପ୍ରେସିଡେଣ୍ଟ ଡୋନାଲଡ୍ ଟ୍ରମ୍ପଙ୍କୁ ତୋଷାମଦ କରି ଅଧିକ ଅର୍ଥ ରୋଜଗାର ଆଶାରେ ଫିଫା ତାଙ୍କୁ 'ଶାନ୍ତି 'ପୁରସ୍କାର ଦେଇଛି, କେବଳ ସେତିକି ନୁହେଁ, ତାଙ୍କ ଚାପରେ ମାର୍କିନ ଷ୍ଟ୍ରାଇକର ଫୋଲାରିନ ବାଲୋଗାନେଙ୍କ ଉପରେ ଲାଗିଥିବା ଲାଲ କାର୍ଡର ନିଷେଧାଜ୍ଞାରୁ ମୁକ୍ତ କରି ନଜିର ବିହୀନ ଭାବେ ବେଲଜିୟମ ସହିତ ପୁନଶ୍ଚ ଖେଳିବା ପାଇଁ ସୁଯୋଗ ଦିଆଯାଇଛି। ଆୟୋଜକ ଦେଶ ଆମେରିକାର ରାଷ୍ଟ୍ର ପ୍ରଧାନଙ୍କ ନିକଟରେ ଫିଫାର ଏହି ନିର୍ଲଜ ଆତ୍ମସମର୍ପଣ ସାରା ବିଶ୍ୱ ବ୍ୟାପୀ ପ୍ରବଳ ସମାଲୋଚିତ ହୋଇଛି। ୟୁରୋପର ଫୁଟବଲ ସଂସ୍ଥା 'ଉୟେଫା' ଏହି ସିଦ୍ଧାନ୍ତକୁ ଫିଫାର ଲାଲ ରେଖା ବା ରେଡ ଲାଇନ କ୍ରସ କରିବା ବୋଲି ଅଭିହିତ କରିଛି ।

### ଲୋକଙ୍କ ପାଇଁ ଫୁଟବଲ

ଏ ବର୍ଷର ଫୁଟବଲ ବିଶ୍ୱକପ୍ ଆମ ନିକଟରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫିଫା ଏକ କ୍ରୀଡା ସଂସ୍ଥା ହୋଇ ରହିଛିକି ନାହିଁ? ଏହା ଏକ ମୁନାଫାଖୋର ବହୁ ଜାତୀୟ କମ୍ପାନୀରେ ପରିଣତ ହୋଇନାହିଁ କି? ପୁଞ୍ଜିର ପ୍ରଭାବ ଫିଫା ମାଧ୍ୟମରେ ଫୁଟବଲ ଖେଳକୁ ବିପୁଳ ମୁନଫା ଯୋଗ୍ୟ ପଣ୍ୟରେ ପରିଣତ କରିଛି।

. ଆମେ ଭୁଲି ଯାଇ ପାରୁନା, ଫୁଟବଲର ଅସଲ ପ୍ରାଣ କୌଣସି ଶୀତତାପ ନିୟନ୍ତ୍ରିତ କର୍ପୋରେଟର ବାକ୍ସ ମଧ୍ୟରେ ରହିବା ସମ୍ଭବ ନୁହେଁ। ତାର ପ୍ରାଣ ଗାଁ ସାହିର ଗଳି କନ୍ଦିରେ, କାଦୁଅ ପଡିଆରେ, କୋଟିକୋଟି ମଣିଷଙ୍କ ଭଲପାଇବା ମଧ୍ୟରେ ନିହିତ ଥାଏ । ବହୁ ଜାତୀୟ ପୁଞ୍ଜି କବଳରୁ ଖେଳକୁ ମୁକ୍ତ କରିବାର ବେଳ ଆସିଛି ।

ଫୁଟବଲ ମଣିଷର ଖେଳ। ତାକୁ ପୁଞ୍ଜିର କବଳରୁ ମୁକ୍ତ କରିନପାରିଲେ ତାର ସତ୍ତା ଏହି ଭଳି ଭାବରେ ଭୁଲୁଣ୍ଠିତ ହେବ।

★★★

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର ଓ ପୁରୁଣା ବହିରେ ପାଠପଢ଼ା ଦାବିରେ ଶିକ୍ଷା ବଂଚାଅ କମିଟି ଉଦ୍ୟୋଗରେ ଆଲୋଚନାଚକ୍ର

ସାରା ଭାରତ ଶିକ୍ଷା ବଂଚାଅ କମିଟି ଓଡିଶା ଶାଖା ଉଦ୍ୟୋଗରେ **"ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ – ଶିକ୍ଷାର ମୂଳଦୁଆ ସଂକଟରେ"** ଶୀର୍ଷକ ଏକ ଆଲୋଚନାଚକ୍ର ଜୁଲାଇ ୧୨ ତାରିଖରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ସଙ୍ଗଠନର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାଜ୍ୟର ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ପୂର୍ବତନ କୁଳପତି, ସାମାଜିକ କର୍ମୀ, ବୈଜ୍ଞାନିକ, ଛାତ୍ରନେତା ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ବିଶିଷ୍ଟ ଗାନ୍ଧୀବାଦୀ ଶ୍ରୀମତୀ କ୍ରିଷ୍ଣା ମହାନ୍ତି, ଓୟୁଏଟିର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ, ଆଠଗଡ ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର କିଶୋର ସାମଲ, ପ୍ରଫେସର ଜୟନ୍ତ କୁମାର ରାଉତରାୟ, ପ୍ରଫେସର ଧନେଶ୍ୱର ସାହୁ, ପ୍ଲାନେଟୋରିୟମ୍ ପୂର୍ବତନ ଡାଇରେକ୍ଟର ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ,



ଶ୍ରୀଯୁକ୍ତ ସୁଦର୍ଶନ ଦାସ, ଶିକ୍ଷା ଅଧିକାର ଆନ୍ଦୋଳନର ଆବାହକ ଶ୍ରୀଯୁକ୍ତ ଅନୀଲ ପ୍ରଧାନ, ବିଶିଷ୍ଟ ଶିକ୍ଷକ ବେଣୁଧର ନାୟକ, ସବିତା ସାମନ୍ତରାୟ, ଶ୍ରୀଯୁକ୍ତ ରଞ୍ଜନ କୁମାର ଲେଙ୍କା, ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ସାହୁ, ଭାଷାବିତ୍ ଶ୍ରୀଯୁକ୍ତ ନିର୍ମଳ ଶତପଥୀ, ଶ୍ରୀଯୁକ୍ତ ସୁରେନ୍ଦ୍ର ପାତ୍ର, ଆଡଭୋକେଟ୍ ଜଗବନ୍ଧୁ ଦାସ, ଅଧ୍ୟାପିକା ଶ୍ରୀମତୀ ସୁମିତ୍ରା ପଟେଲ, ଏଆଇଡିଏସଓ ଅଫିସ୍ ସମ୍ପାଦକ ନସିମ ସରକାର, ସଙ୍ଗଠନର ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ଡଃ ରମେଶ ନାୟକ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ରାଜ୍ୟ ଅଫିସ୍ ସଂପାଦିକା ବବି ବଳବନ୍ତରାୟ, କେଶବ ବିଶ୍ୱାଳ, ଜୟନ୍ତ ମହାନ୍ତି, ଚିତ୍ତ ରଂଜନ ମେଣ୍ଡୁଲୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂଶୋଧନ ନୁହେଁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦୃଢ ଦାବି କରିଥିଲେ।

ବକ୍ତାମାନେ ଦର୍ଶାଇ ଥିଲେ ରାଜ୍ୟରେ ନୂତନ ଶିକ୍ଷାନୀତି-୨୦୨୦ ଦ୍ରୁତ ଲାଗୁ କରିବାକୁ ଯାଇ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରୁ ହିଁ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଗୁଡିକୁ ପରିବର୍ତ୍ତନ କରିଛନ୍ତି। ପାଠ୍ୟପୁସ୍ତକ ଗୁଡିକୁ ରଚନା କରାଯାଇନାହିଁ ବରଂ ଏନସିଇଆରଟି ଦ୍ୱାରା ପ୍ରକାଶିତ ବହି ଗୁଡିକୁ କେବଳ ଓଡିଆରେ ଅନୁବାଦ କରାଯାଇଛି । ଯାହା ଭିତରେ ହଜାର ହଜାର ସଂଖ୍ୟାରେ ବନାନଗତ, ଭାଷାଗତ, ତଥ୍ୟଗତ ଏବଂ ଏପରିକି ମୌଳିକ ବିଚାରଗତ ତ୍ରୁଟି ଭର୍ତ୍ତି ରହିଛି। ସରକାର ଯେଉଁ ସଂଶୋଧନୀ ପୁସ୍ତିକା ପ୍ରକାଶ କରିଛନ୍ତି ସେଥିରେ ମଧ୍ୟ ଭୁଲ ରହିଛି। ୧ମ ରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ସମସ୍ତ ବହି ସଂଶୋଧନ କରାଯାଇଛି ସେଥିରେ ମଧ୍ୟ ବହୁ ଗୁରୁତର ମୌଳିକ ତ୍ରୁଟି ଅଛି। ଇଂରାଜୀ ବହିରେ ଓଡିଆ ଗୀତ, ଗଣିତକୁ ଗଳ୍ପ ବହିରେ ପରିଣତ କରିବା, ବିଜ୍ଞାନ-ସାମାଜିକ ବିଜ୍ଞାନ ବହିରେ ବହୁ ଅବୈଜ୍ଞାନିକ କଥା ଭର୍ତ୍ତି କରାଯାଇଛି। ଏହି ପୃଷ୍ଠଭୂମିରେ ତ୍ରୁଟି ଗୁଡିକ ସାମାନ୍ୟ ତ୍ରୁଟି ନୁହେଁ ବରଂ ଶିକ୍ଷାର ମୂଳଦୁଆକୁ ଧ୍ୱଂସ କରିବାର ଗଭୀର ଷଡଯନ୍ତ୍ର ଏହା ପଛରେ ରହିଛି ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ଶେଷରେ ସଭାରେ ସର୍ବସମ୍ମତି କ୍ରମେ ତ୍ରୁଟିପୂର୍ଣ୍ଣ ବହି ଗୁଡିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହ ଚଳିତ ବର୍ଷ ପୁରୁଣା ବହିରେ ପାଠପଢାଇବା, ନୂଆ ଶିକ୍ଷାନୀତି – ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରିବା ଏବଂ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବା ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତିରେ ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିବା ପାଇଁ ଦୃଢ ମତପ୍ରକାଶ ପାଇଥିଲା। ଏହି ଦାବିରେ ରାଜ୍ୟରେ ବ୍ୟାପକ ଜନଆନ୍ଦୋଳନ ଗଢିତୋଳିବା ପାଇଁ ରାଜ୍ୟର ସମସ୍ତ ସ୍ତରର ଶୁଭବୁଦ୍ଧି ସମ୍ପନ୍ନ ଜନଗଣ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ★★★

# ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଜଳେଶ୍ୱର ଓ କେନ୍ଦ୍ରପଡାଠାରେ ଆଲୋଚନା ଚକ୍ର

ସାରା ଭାରତ ଶିକ୍ଷା ବଂଚାଅ କମିଟି ଜଳେଶ୍ୱର ଶାଖା ତରଫରୁ ଜୁଲାଇ ୨୬ ତାରିଖ ଦିନ ଭଞ୍ଜ ଭବନ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସାରା ଭାରତ ଶିକ୍ଷା ବଂଚାଅ କମିଟି ଜଳେଶ୍ୱର ଶାଖାର ଆବାହକ ଡ଼ଃ ପ୍ରଫୁଲ୍ଲ କୁମାର ଦେ ଆଲୋଚନା ଚକ୍ରକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଆବାହକ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ତ୍ରିଲୋଚନ ଦାସଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଆଲୋଚକ ସାରା ଭାରତ ଶିକ୍ଷା ବଂଚାଅ କମିଟି ଓଡିଶା ରାଜ୍ୟ ଶାଖାର ଉପସଭାପତି ଡ଼ଃ ରମେଶ ନାୟକ ବିଭିନ୍ନ ଦିଗରୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ନେଇ ଦେଖାଦେଇଥିବା ସମସ୍ୟା





ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ ରମାକାନ୍ତ ଭଞ୍ଜ, ଓଷ୍ଟାର ସମ୍ପାଦକ ଅକ୍ଷୟ ମିଶ୍ର,ସୁଶାନ୍ତ କୁମାର ଦାସ, ଦିଲ୍ଲୀପ ଗିରି ଆଲୋଚନାରେ ଭାଗ ନେଇଥିଲେ। ଶଙ୍କର୍ଷଣ ମହାନ୍ତି, ପ୍ରମୋଦ ପରିଡା, ସୁଧୀର କୁମାର କର, ଅଶ୍ୱିନୀ କୁମାର ନାଥ, ନିରାକାର ପାଣ୍ଡବ, ହରେକୃଷ୍ଣ ଦାସ, ଅକ୍ଷୟ ପରିଡା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କମିଟିର ଅନ୍ୟତମ ଆବାହକ ଅବସର ପ୍ରାପ୍ତ ଶିକ୍ଷକ ବିଷ୍ଣୁପଦ ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ଜୁଲାଇ ୨୬ ତାରିଖରେ ଶିକ୍ଷା ବଂଚାଅ କମିଟି କେନ୍ଦ୍ରାପଡା ଶାଖା ପକ୍ଷରୁ ଛାତ୍ର ଶିକ୍ଷକ ଅଭିଭାବକ ଓ ଶିକ୍ଷା ପ୍ରେମୀ ଜନସାଧାରଣଙ୍କ ଏକ ସଭା କେନ୍ଦ୍ରାପଡ଼ା ଓଷ୍ଟା ଭବନଠାରେ ମଧ୍ୟ ଅନୁଷ୍ଠିତ ହୋଇଛି।


କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ବଂଚାଅ କମିଟିର ସଭାପତି ପବିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବକ୍ତବ୍ୟ ରଖିଥିଲେ ଶିକ୍ଷା ବଂଚାଅ କମିଟି ଓଡ଼ିଶା ରାଜ୍ୟ ସମ୍ପାଦକ ସୁବାସ ନାୟକ, ଅନ୍ୟତମ ରାଜ୍ୟ ସଙ୍ଗଠକ ଓ ଡେମୋକ୍ରଟିକ୍ ଟିଚର୍ସ ଅର୍ଗାନାଇଜେସନର ରାଜ୍ୟ ସଭାପତି ବିଭୂତି ଭୂଷଣ ନାୟକ, ଶିକ୍ଷା ବଂଚାଅ କମିଟି ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ବେହେରା, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସଭାପତି କରୁଣାକର ଦାସ, ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ନିର୍ମଳ ଚନ୍ଦ୍ର ନାୟକ, ବର୍ତ୍ତମାନର ସଭାପତି ଭଗବାନ ଦାସ ଓ ସଚେତନ ନାଗରିକ କେଦାରନାଥ ସାମନ୍ତରାୟ ପ୍ରମୁଖ। ★★★

# ଘରଡିହ ପଟ୍ଟା ଦାବିରେ ନାଉଗାଁ ତହସିଲ ଅଫିସ ସମ୍ମୁଖରେ ଗଣଧାରଣା



ଭୂମିହୀନମାନଙ୍କୁ ଘର ଡିହ ପଟ୍ଟା ପ୍ରଦାନ ଦାବିରେ ନାଉଗାଁ ତହସିଲ ଅଫିସ ସମ୍ମୁଖରେ ୧୩ ଜୁଲାଇ ଦିନ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଶହ ଶହ ବର୍ଷ ଧରି ପୁରୁଷାନୁକ୍ରମେ ବାସ କରୁଥିବା ପରିବାର ଏବେ ସରକାରୀ ଜମି ଅଥବା ଅନ୍ୟ ଲୋକଙ୍କ ଜମିରେ ଘର ନିର୍ମାଣ କରି ବାସ କରୁଛନ୍ତି। ସେମାନଙ୍କର ନିଜ ନାମରେ ଭୂମି ନଥିବାରୁ ସେମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। 'ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟି' ଗଠନ କରି ସେମାନଙ୍କର ହକ ଆଦାୟ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସଂଗଠନର ସଭାପତି କମ୍ରେଡ ସୁବାସ ସ୍ୱାଇଁ, ମହେଶ୍ୱର ଦାସ, ବସନ୍ତ ମଲ୍ଲିକ, କବୀର ବିଶ୍ୱାଳ, ବଂଶୀଧର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଆୟୋଜିତ ହୋଇଥିଲା। ନାଉଗାଁ ତହସିଲଦାର ଧାରଣା ସ୍ଥଳରେ ପହଂଚି ପଟ୍ଟା ପ୍ରଦାନ କରିବାପାଇଁ ଆନ୍ଦୋଳନକାରୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ★★★

## ଘାଟଶିଳାଠାରେ ଏଆକେକେଏମ୍ଏସ୍ର
# ସର୍ବଭାରତୀୟ ସଭା



ଗତ ଜୁନ୍ ୨୪ ଠାରୁ ୨୭ ଯାଏ ୪ ଦିନ ଧରି ଏଆଇକେକେଏମଏସ୍ ଅଲ୍ ଇଣ୍ଡିଆ କମିଟିର ପରିବର୍ଦ୍ଧିତ ମିଟିଂ ଝାଡଖଣ୍ଡ ରାଜ୍ୟର ଘାଟଶିଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଟିଂରେ ସଂଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ ସତ୍ୟବାନ ଅଧ୍ୟକ୍ଷତା କରି ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ଦେଶରେ ଦେଖା ଦେଇଥିବା ଚାଷୀ ମାନଙ୍କର ନାନାବିଧ ଜଟିଳ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଶଙ୍କର ଘୋଷ ମିଟିଂକୁ ପରିଚାଳନା କରିଥିଲେ। ଏହି ବୈଠକରେ ଉପସ୍ଥିତ ବିଭିନ୍ନ ରାଜ୍ୟର ସମ୍ପାଦକ ଓ ୧୦୦ ରୁ ଉର୍ଦ୍ଧ୍ୱ କମ୍ରେଡ୍ ଚାଷୀ ମୂଲିଆ ମାନଙ୍କର ବିଭିନ୍ନ ସମସ୍ୟା ଓ ଆନ୍ଦୋଳନର ସଫଳତାକୁ ନେଇ ଚର୍ଚ୍ଚା ଆଲୋଚନା କରିଥିଲେ। ପରିଶେଷରେ କେତେକ ଦାବି ଉପରେ ଆନ୍ଦୋଳନ ଗଢିତୋଳିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହି ସମସ୍ତ ସମସ୍ୟା ମଧ୍ୟରେ ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ କରିବା, ବିହାର ଓ କେରଳରେ ହେବାକୁ ଯାଉଥିବା ନିୟୁକ୍ଲିୟର ପାୱାର ପ୍ଲାଣ୍ଟ ନିର୍ମାଣ ବନ୍ଦ କରିବା,ଓଡ଼ିଶାର କେନ୍ଦୁଝର ଠାରେ ହେବାକୁ ଯାଉଥିବା ଭୂମି ଅଧିଗ୍ରଣ ସମେତ ଦେଶର ଅନ୍ୟାନ୍ୟ ରାଜ୍ୟରେ ବଳପୂର୍ବକ ଭୂମି ଅଧିଗ୍ରହଣ ବନ୍ଦ କରିବା ଆଦି ଦାବି ନେଇ ଆନ୍ଦୋଳନ ଜୋରଦାର କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ★★★

# ଶହୀଦ୍ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଜନସଭା




ଶହୀଦ୍ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏଆଇଡିଏସ୍‌ଓ ପକ୍ଷରୁ କଣିହାଁ ବ୍ଲକ ଅନ୍ତର୍ଗତ ଟୋଲକବେଡା ହଟିଂଠାରେ ଜୁଲାଇ ୭ ତାରିଖ ସଂଧ୍ୟାରେ ଏକ ଜନସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ମୁଖ୍ୟ ବକ୍ତା ଭାବେ ସଂଗଠନର ପୂର୍ବତନ ସର୍ବଭାରତୀୟ ସାଧାରଣ ସଂପାଦକ କମ୍ରେଡ ଅଶୋକ ମିଶ୍ର, ମୁଖ୍ୟ ଅତିଥିଭାବେ ଶିକ୍ଷକ ମୁନା ନାଏକ, ଅନ୍ୟତମ ବକ୍ତା ଭାବେ ସଂଗଠନର ଅନୁଗୋଳ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଓ ସଂପାଦକ ନାରାୟଣ ନାୟକ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ସଂଗ୍ରାମ ସଂପର୍କରେ ଆଲୋକପାତ କରିଥିଲେ । ଜଙ୍ଗଲ, ଜମି, ଜଳ, ଭିଟାମାଟିକୁ ବଂଚାଇବା ଓ ଜମିଦାର, ଇଂରେଜ ମାନଙ୍କ ଅତ୍ୟାଚାର, ଜୁଲୁମ, ଶୋଷଣରୁ ମୁକ୍ତି ପାଇଁ ବିର୍ସା ମୁଣ୍ଡା ଲଢେଇ କରି ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ । ଆଜି ଦିନରେ ସ୍ୱାଧୀନତାର ପ୍ରାୟ ୮୦ ବର୍ଷ ପରେ ମଧ୍ୟ ଏକଚାଟିଆ ପୁଞ୍ଜିପତି ମାଲିକ ଶ୍ରେଣୀ ଲୋକଙ୍କ ଜମି, ଜଙ୍ଗଲ, ଭିଟାମାଟି, ଜଳକୁ ଲୁଣ୍ଠନ କରି ଶ୍ରମଜୀବୀ ଜନସାଧାରଣଙ୍କୁ ଶୋଷଣ କରି ମୁନାଫାର ପାହାଡ ସୃଷ୍ଟି କରୁଛି । ସାଧାରଣ ମଣିଷ ଉପରେ ଶୋଷଣ ଅସହ୍ୟ ହୋଇଛି । ଏହି ପରିସ୍ଥିତିରେ ବିର୍ସା ମୁଣ୍ଡାଙ୍କ ଜୀବନୀରୁ ଶିକ୍ଷାନେଇ ଉନ୍ନତ ରୁଚି ସଂସ୍କୃତି ଓ ମୂଲ୍ୟବୋଧ ଭିତ୍ତିରେ ନିଜ ଚରିତ୍ରକୁ ବଳିଷ୍ଠ କରି ଶାସକ ପୁଞ୍ଜିପତି ଶ୍ରେଣୀର ଅନ୍ୟାୟ, ଅତ୍ୟାଚାର, ଜୁଲୁମ, ଶୋଷଣ ବିରୁଦ୍ଧରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ମୁଖ୍ୟବକ୍ତା ଆହ୍ୱାନ ଦେଇଥିଲେ । ଏହି ଜନସଭାକୁ ସଫଳ କରିବାରେ ବଳେ ଗଡସର, ତୋଫାନ ଡୁଙ୍ଗୁ, ଆଶିଷ କୁଲୁ, ତୋଫାନ ତାମସଏ, ବବୁଲ ମୁର୍ମୁ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ ।

# କମ୍ରେଡ୍ ହରିହର ଟୋପ୍ପୋଙ୍କ ଜୀବନାବସାନ



ଏସୟୁସିଆଇ(ସି) ସୁନ୍ଦରଗଡ଼ ଜିଲ୍ଲା କମିଟିର ସଦସ୍ୟ କମ୍ରେଡ୍ ହରିହର ଟପ୍ପୋ ୨୦୨୬ ଜୁଲାଇ ମାସ ୩୧ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲାଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୬୮ ବର୍ଷ ବୟସ ହୋଇଥିଲା । କମ୍ରେଡ୍ ଟୋପ୍ପୋ ବାମଡ଼ା ଅଂଚଳରେ ଆମ ଦଳର ସଂଗଠନ ଆରମ୍ଭ କରିବାରେ ପ୍ରଥମ ବ୍ୟକ୍ତି ଥିଲେ । ସେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସ୍ଥିତ ଓଡ଼ିଶା ସ୍ପିନିଂ ମିଲରେ ଜଣେ ଶ୍ରମିକ ଥିଲେ । ସ୍ପିନିଂ ମିଲରେ ଆମ ୟୁନିୟନ ସମ୍ପର୍କରେ ଆସି ସେ ଆମ ଦଳ ବିଷୟରେ ଜାଣିବାକୁ ପାଇଥିଲେ । କମ୍ରେଡ ଶିବଦାସ ଘୋଷଙ୍କ ମହାନ ଶିକ୍ଷାରେ ଅନୁପ୍ରାଣିତ ହୋଇ, ତାଙ୍କର ଶ୍ରମିକ ଶ୍ରେଣୀ ଚେତନା ତାଙ୍କୁ ନିଜ ଜନ୍ମମାଟି ଅଂଚଳରେ ଦଳର ସଂଗଠନ ବିକାଶ କରିବାକୁ ଅନୁପ୍ରେରିତ କରିଥିଲା ।

କମ୍ରେଡ୍ ଟପ୍ପୋ ବାମଡ଼ା ବ୍ଲକର କୁଟାରିମାଲ ଗ୍ରାମର ମୂଳ ବାସିନ୍ଦା ଥିଲେ । ସେ ଆମର ପ୍ରୟାତ ନେତା କମ୍ରେଡ୍ ସେଖ୍ କାଶିମଙ୍କୁ କୁଟାରିମାଲ ନେଇ ଯାଇଥିଲେ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିଥିଲେ । ଏହା ୧୯୮୦ ଦଶକର ପ୍ରଥମାର୍ଦ୍ଧର କଥା । ସେହି ବୈଠକ ମଧ୍ୟଦେଇ ସେ ଅଞ୍ଚଳରେ ପାର୍ଟିର ସାଂଗଠନିକ କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା । ଖୁବ୍ ଶୀଘ୍ର, ସେ କମ୍ରେଡ୍ ଲକ୍ଷ୍ମୀ ନାରାୟଣ ଛତ୍ରିଆଙ୍କ ସମ୍ପର୍କରେ ଆସିଥିଲେ । ଉଭୟ, କମ୍ରେଡ ଟପ୍ପୋ ଏବଂ କମ୍ରେଡ୍ ଛତ୍ରିଆ ବାମଡ଼ା ବ୍ଲକରେ ସଂଗଠନ ବିକାଶ କରିବା ଆରମ୍ଭ କରିଥିଲେ । କମ୍ରେଡ ସେଖ୍ କାଶିମ୍‌ଙ୍କ ବ୍ୟତିତ କମ୍ରେଡ୍ ବିଷ୍ଣୁ ଦାସ, ସତ୍ୟପ୍ରିୟ ମହାନ୍ତି, କମ୍ରେଡ୍ ଛବି ମହାନ୍ତି, କମ୍ରେଡ ଅଜୟ ମହାନ୍ତି, କମ୍ରେଡ ବିଷ୍ଣୁ ପଣ୍ଡା ତଥା କମ୍ରେଡ୍ ଶଙ୍କର ଦାସଗୁପ୍ତଙ୍କ ସହ ପାର୍ଟିର ଅନ୍ୟାନ୍ୟ କମ୍ରେଡମାନେ ସେହି ଅଂଚଳକୁ ବିଭିନ୍ନ ସମୟରେ ସଂଗଠନ ଗଢିତୋଳିବାକୁ ଯାଇଥିଲେ । ପରବର୍ତ୍ତୀ ସମୟରେ ସେ ଅଞ୍ଚଳରେ ଏଆଇକେକେଏମ୍‌ଏସ୍ ସଂଗଠନ ଗଢିବା ପାଇଁ କମ୍ରେଡ ଶଦାସିବ ଦାସ ବିଭିନ୍ନ ସମୟରେ ଯାଇଛନ୍ତି । ଏହି ପ୍ରକ୍ରିୟାରେ ସେ ଅଂଚଳରେ ବହୁ ଆନ୍ଦୋଳନ ଗଢ଼ି ଉଠିଥିଲା ଏବଂ ପାର୍ଟି ସାଂଗଠନିକ ଭାବରେ ରୂପ ନେଇପାରିଲା । ବର୍ତ୍ତମାନ ସେହି ଅଞ୍ଚଳରେ ଆମ ଦଳର ଏକ ଆଂଚଳିକ ସାଂଗଠନିକ କମିଟି ରହିଛି ।

କମ୍ରେଡ୍ ହରିହର ଟୋପ୍ପୋଙ୍କ ଆକସ୍ମିକ ବିୟୋଗ, ଆମ ପାର୍ଟି ପାଇଁ ଏକ ବିରାଟ ଆଘାତ ଓ କ୍ଷତି । ବିପ୍ଳବୀ ସଂଗ୍ରାମ ଗଢ଼ିତୋଳିବା କ୍ଷେତ୍ରରେ ତାଙ୍କର ଅବଦାନକୁ ଆମେ ଚିରଦିନ ପାଇଁ ଗଭୀର ସମ୍ମାନବୋଧ ଓ ଗର୍ବର ସହିତ ସ୍ମରଣ ରଖିବୁ ।

**କମ୍ରେଡ୍ ହରିହର ଟପ୍ପୋ**
**ଲାଲ୍ ସଲାମ**

# ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ କୁନ୍ଦୁରାରେ ପ୍ରଥମ ମହିଳା ସମ୍ମିଳନୀ ଅନୁଷ୍ଠିତ




ଶ୍ରମିକ ୟୁନିୟନ୍ କାର୍ଯ୍ୟାଳୟ ପରିସରରେ କୁନ୍ଦୁରା ବ୍ଲକର ବିଭିନ୍ନ ପଂଚାୟତରୁ ଆସିଥିବା ଶତାଧିକ ମହିଳା ମଇ ୨୬ ତାରିଖରେ ସମବେତ ହୋଇଥିଲେ । ଏଆଇଏମ୍‌ଏସ୍‌ଏସ୍ କୋରାପୁଟ ଜିଲ୍ଲା ସଭାନେତ୍ରୀ କମ୍ରେଡ୍ ଇନ୍ଦୁମତୀ ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ସଙ୍ଗୀତ ଗୋଷ୍ଠୀ ସଙ୍ଗୀତ ଗାନ କରିଥିଲେ । ବିଶିଷ୍ଟ ସାମାଜିକ କର୍ମୀ କାହ୍ନୁ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ଏଆଇଏମ୍‌ଏସ୍‌ଏସ୍ ଜିଲ୍ଲା ସମ୍ପାଦିକା କମ୍ରେଡ୍ ଲକ୍ଷ୍ମୀ ବାରିକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ନାରୀ, ଛାତ୍ରୀ, ମହିଳା, ଶିଶୁ ନିର୍ଯ୍ୟାତନା ବନ୍ଦ, ମଦ, ମାଦକ ଦ୍ରବ୍ୟର ବିକ୍ରି ଓ ପ୍ରଚାର, ପ୍ରସାର ବନ୍ଦ, ଅପସଂସ୍କୃତିର ପ୍ରସାର ସମ୍ପୂର୍ଣ୍ଣ ବନ୍ଦ କରିବା ତଥା ସାମାଜିକ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏକ ଶୋଷଣ ବିହୀନ ସାମାଜ ବ୍ୟବସ୍ଥା ପ୍ରତିଷ୍ଠା ସକାଶେ ସମସ୍ତ ନାରୀ ସମାଜ ସଂଗଠିତ ହୋଇ ଏଆଇଏମ୍‌ଏସ୍‌ଏସ୍‌କୁ ଶକ୍ତିଶାଳୀ କରି ଗଢିତୋଳିବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ତେର ଜଣିଆ କମିଟି ଗଠନ କରାଯାଇଥିଲା । ଶ୍ରୀମତୀ ରମାଦେବୀ ରଣା ସଭାପତି, ଅନୁସ୍ୱୀୟା ପ୍ରଧନୀ ଉପସଭା ପତି, ମୁକ୍ତା ଗଉଡ ସମ୍ପାଦିକା, ଭଗବତୀ ଗଉଡ ସହ-ସମ୍ପାଦିକା ଭାବରେ ନିର୍ବାଚିତ ହୋଇଥିଲେ । ପ୍ରିୟଙ୍କା ରଣାଙ୍କ ସମେତ ୯ ଜଣ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଥିଲେ ।

# ବନ୍ୟା ବିପନ୍ନଙ୍କ ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ




ଦୀର୍ଘଦିନ ଧରି ଲଗାଣ ବର୍ଷାଫଳରେ ଯାଜପୁର ଜିଲ୍ଲାର ସମସ୍ତ ଚାଷ ଜମି ଜଳମଗ୍ନ । ଏହା ସହିତ ନଦୀରେ ବନ୍ୟା ଆସିବା ଫଳରେ ଜିଲ୍ଲାର ୭ଟି ସ୍ଥାନରେ ଘାଇ ହୋଇ ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ । ବନ୍ୟାଯୋଗୁ ଜିଲ୍ଲାର ଦଶରଥପୁର, ବିଞ୍ଝାରପୁର, ଯାଜପୁର, କୋରେଇ ଓ ବରୀ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଲୋକମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ଓ ବର୍ଷା କ୍ଷତିଗ୍ରସ୍ତ ଅଂଚଳରେ ରିଲିଫ୍ କାର୍ଯ୍ୟ କରାଯାଇ ପୀଡ଼ିତ ମାନଙ୍କୁ ପନ୍ଦର ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ଭାଙ୍ଗି ଯାଇଥିବା ଘରର କର୍ତ୍ତାମାନଙ୍କୁ ତୁରନ୍ତ ପଲିଥିନ୍ ସହିତ ଘରଭଙ୍ଗା ସହାୟତା ରାଶି ପ୍ରଦାନ କରିବା, ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ବିତରଣ କରିବା, ନଦୀରେ ହୋଇଥିବା ଘାଇ ଗୁଡିକୁ ତୁରନ୍ତ ବନ୍ଦ କରିବା, ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ନଦୀରେ ଭାସିଯାଇ ଓ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ପିଛା ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା, କ୍ଷତିଗ୍ରସ୍ତ କୃଷକ ମାନଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବା, ବିହନ ଓ ସାର ବିନାମୂଲ୍ୟରେ ଯୋଗାଇ ଦେବା, ଭବିଷ୍ୟତରେ ବନ୍ୟା ଓ ଜଳବନ୍ଦୀ ଅବସ୍ଥାରୁ ଏ ଅଂଚଳକୁ ରକ୍ଷା କରିବା ପାଇଁ ଉପଯୁକ୍ତ ସ୍ଥାୟୀ ବ୍ୟବସ୍ଥା କରିବା ଆଦି ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଜୁଲାଇ ୩୧ ତାରିଖରେ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଂପାଦକ କମ୍ରେଡ୍ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ କମ୍ରେଡ୍ ଅଚ୍ୟୁତ ପ୍ରଧାନ, ସୁବାସ ମଲ୍ଲିକ, ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ, ରାଜକିଶୋର ନାଥ, ରାଜଶ୍ରୀ ମହାନ୍ତି, ବିଷ୍ଣୁ ଚରଣ ବେହେରା, କିର୍ତ୍ତନ ଜେନା, ମଧୁସୂଦନ ସେଠୀ, କବି ସେଠୀ, ମମତା ସେଠୀ, ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ ।

## ଦିଲ୍ଲୀର ଛାତ୍ର ଯୁବ . . .

( ୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସାମିଲ ହେବାପାଇଁ ଘରୁ ବାହାରୁଥିବା ଜଣେ ଅଜାତସ୍ମଶ୍ରୁ ତରୁଣ ଇନଷ୍ଟାଗ୍ରାମରୁ ପୋଷ୍ଟ କରିଥିଲା, 'ମୁଁ ଦିଲ୍ଲୀ ପୁଲିସର ଲାଠି ପାହାର ଖାଇବାକୁ ଯାଉଛି, ମତେ ଶୁଭେଚ୍ଛା ଜଣାଅ' । ପୁଲିସ ଓ ପୁଲିସ ସହିତ ମିଶି ଆନ୍ଦୋଳନକାରୀ ମାନଙ୍କ ଉପରେ ଝାମ୍ପି ପଡୁଥିବା ଗୁଣ୍ଡା ମାନଙ୍କ ଆକ୍ରମଣରୁ ତରୁଣୀ ଓ ଯୁବତୀ ମାନଙ୍କୁ ସୁରକ୍ଷା ଦେବାପାଇଁ ତରୁଣ ଓ ଯୁବକ ମାନଙ୍କ ଚଳମାନ ସୁରକ୍ଷା ବଳୟ ଗଣ ଆନ୍ଦୋଳନର ନୂଆ ଦିଗନ୍ତ ଉନ୍ମୋଚିତ କରୁଥିଲା । ଏହିଭଳି ଅସଂଖ୍ୟ ଅଭୂତପୂର୍ବ ଘଟଣା ସେଦିନ ଦିଲ୍ଲୀର ରାଜରାସ୍ତା ପ୍ରତ୍ୟକ୍ଷ କରିଥିଲା । ଦେଶର ବିଭିନ୍ନ ପ୍ରାନ୍ତରୁ, ଦୂରଦୂରାନ୍ତରୁ ଆସି ସେଦିନ ଦିଲ୍ଲୀର ରାଜ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଏକତ୍ରିତ ହୋଇଥିବା ଯୁବକ ଯୁବତୀ , ତରୁଣ ତରୁଣୀ କେହି କାହାକୁ ଚିହ୍ନି ନଥିଲେ, ମାତ୍ର ଆନ୍ଦୋଳନର ମଇଦାନ ସେମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା ନୂଆ ଧରଣର ଆତ୍ମିକ, ଆବେଗିକ ସମ୍ପର୍କ; କମ୍ରେଡାରି । କେବଳ ଦିଲ୍ଲୀ ନୁହେଁ, ସମଗ୍ର ଦେଶରେ ଅଭୂତପୂର୍ବ କମ୍ପନ ଓ ଶିହରଣ ସୃଷ୍ଟିକରି, କେନ୍ଦ୍ର ସରକାର, ବିଜେପି – ଆରଏସଏସ ତଥା ଦିଲ୍ଲୀ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀର ସମସ୍ତ ଆକ୍ରମଣ ଓ ଷଡଯନ୍ତ୍ର କୁ ପ୍ରତିହତ କରି ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲା ବେଳକୁ ଦେଶର ଗଣଆନ୍ଦୋଳନର ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଯୋଗକରି ଜନସମୁଦ୍ରରେ ପରିଣତ ହୋଇଥିବା ଯୁବ ଛାତ୍ର ତରୁଣ ତରୁଣୀଙ୍କ ଦଳ ଚାରି ଦିଗରୁ ସଂସଦ ଭବନକୁ ରୁନ୍ଧି ଦେଇଥିଲେ । ସଂସଦର ସମସ୍ତ ଦ୍ୱାରରେ ତାଲା ପକାଇ ଦିଆଯାଇଥିଲା । ମାରାତ୍ମକ ଅସ୍ତ୍ରରେ ସଜ୍ଜିତ ଶହ ଶହ ସଂଖ୍ୟାରେ ଅର୍ଦ୍ଧସାମରିକ ବଳ ନିରସ୍ତ୍ର ଓ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବା ତରୁଣ ତରୁଣୀ ମାନଙ୍କୁ ମୁକାବିଲା କରିବାପାଇଁ ମୁତୟନ କରାଯାଇଥିଲା । ଦୁଇ ଘଣ୍ଟା ଅଟକି ରହିବାପରେ ୫୬ ଇଞ୍ଚ ଚଉଡା ଛାତି ବାଲା ପ୍ରଧାନମନ୍ତ୍ରୀଙ୍କୁ ସଂସଦର ପଛଦ୍ୱାର ବାଟେ ପଳାୟନ କରିବାକୁ ହେଲା । ସାଂସଦ ମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଅଟକି ରହିଲେ ।

ସୂର୍ଯ୍ୟ ଅସ୍ତାଚଳଗାମୀ ହେଲାବେଳକୁ ଶହଶହ ସଂଖ୍ୟାରେ ଆନ୍ଦୋଳନକାରୀ ଗୁରୁତର ଭାବରେ ଆହତ, କାହାର ଗୋଡ଼ ଭାଙ୍ଗିଛି କାହାର ହାତ ଭାଙ୍ଗିଛି, କାହାର ମୁଣ୍ଡ ଫାଟିଛି, କିଏ ମୁନିଆ କଣ୍ଟା ଲଗା ଲାଠି ମାଡ଼ରେ କ୍ଷତ ବିକ୍ଷତ, ଲହୁଲୁହାଣ, କିଏ ବିଦ୍ୟୁତ୍ କରେଣ୍ଟ ମାରୁଥିବା ଲାଠି ଆଘାତରେ ନିସ୍ତେଜ , ପୁଣି କିଏ ପେଲେଟ ବନ୍ଧୁକର ଛରରା ମାଡ଼ରେ ଆଂଶିକ ଦୃଷ୍ଟି ଶକ୍ତି ହରାଇଛି ତ କିଏ ମୁମୂର୍ଷୁ । ତା ସତ୍ତ୍ୱେ ମଧ୍ୟ କାହାରି ମୁହଁରେ କ୍ଳାନ୍ତି କିମ୍ବା ଭୟର ଚିହ୍ନ ନାହିଁ । ସଂସଦରୁ ଫେରନ୍ତି ରାସ୍ତାରେ ଆନ୍ଦୋଳନକାରୀ ପୁଲିସ କବ୍‌ଜାରୁ ପୁନର୍ବାର ଦଖଲ କଲେ ଜନ୍ତର ମନ୍ତର ଆନ୍ଦୋଳନ ସ୍ଥଳକୁ ।

ଏହି ଐତିହାସିକ, ନଜିର ବିହୀନ ଆନ୍ଦୋଳନର ଚାପରେ ହିଁ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ସମୟଧରି ଆନ୍ଦୋଳନ ଓ ଆମରଣ ଅନଶନ ଚାଲିଥିଲେ ମଧ୍ୟ ଆନ୍ଦୋଳନକାରୀ ମାନଙ୍କ ସହିତ କୌଣସି ଆଲୋଚନା କରିବା ଦୂରେଥାଉ ଆନ୍ଦୋଳନକୁ ଭଣ୍ଡୁର କରିବାପାଇଁ ଜୁଲାଇ ୧୮ ତାରିଖ ଦିନ ସକାଳୁ ଅନଶନରତ ସୋନମ୍ ୱାଙ୍ଗଚୁକଙ୍କୁ ବଳପୂର୍ବକ ଆନ୍ଦୋଳନ ସ୍ଥଳରୁ ଉଠାଇନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଉଦ୍ଧତ, ସ୍ୱେରାଚାରୀ, ଫାସିଷ୍ଟ କେନ୍ଦ୍ର ବିଜେପି ସରକାର ଜୁଲାଇ ୨୦ ତାରିଖ ଦିନ ଦ୍ୱିପ୍ରହରରୁ ହିଁ ଆନ୍ଦୋଳନକାରୀ ମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଥିଲା ଏବଂ ଶେଷରେ ଜୁଲାଇ ୨୫ତାରିଖରେ ସମସ୍ତ ଦାବି ମାନି ନେବାକୁ ବାଧ୍ୟ ହେଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଲେ । ଜୁଲାଇ ୨୦ ଚଲୋ ସଂସଦ ଅଭିଯାନରେ ଯୋଗଦେଇଥିବା ଛାତ୍ର ଯୁବକମାନଙ୍କ ଉପରେ ପୁଲିସ ଓ ଅର୍ଦ୍ଧସାମରିକ ବଳର ବର୍ବର ଆକ୍ରମଣ ଓ ମହିଳାମାନଙ୍କର ଶ୍ଳୀଳତା ହାନୀ ପ୍ରତିବାଦରେ ଏବଂ ଜନ୍ତର ମନ୍ତର ଆନ୍ଦୋଳନର ସମର୍ଥନରେ ଆକୁମାରୀ ହିମାଚଳ ଦେଶର ତରୁଣ, ତରୁଣୀ, ଛାତ୍ର ଯୁବକ ଲକ୍ଷ ଲକ୍ଷ ସଂଖ୍ୟାରେ ରାସ୍ତାକୁ ଓହ୍ଲାଇଲେ, ହସି ହସି ଲାଠି ଗୁଳିର ସାମନା କଲେ । ଏପରିକି ଏକେ-୪୭ ଗୁଳିର ସାମନା କଲେ ।

ଦୁର୍ବାର ଆନ୍ଦୋଳନର ଜୁଆର ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଇଥିଲେ ମଧ୍ୟ ଆନ୍ଦୋଳନରେ ସାମିଲ ତରୁଣ ତରୁଣୀ, ସେମାନଙ୍କ ସମର୍ଥକ , ଦରଦୀ, ଆନ୍ଦୋଳନକୁ ବିଭିନ୍ନ ଭାବରେ ସାହାଯ୍ୟ କରିଥିବା ବ୍ୟକ୍ତି ମାନଙ୍କୁ ଜଣ ଜଣ କରି ଚିହ୍ନଟ କରି ପ୍ରତାଡ଼ିତ କରିବାପାଇଁ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆନ୍ଦୋଳନକାରୀ ମାନଙ୍କୁ ଚିହ୍ନଟ କରିବାପାଇଁ ଆନ୍ଦୋଳନ ସମୟରେ ସେମାନଙ୍କର ମୁହଁର ସ୍କାନିଙ୍ଗ କରାଯାଇଛି । ଏହି ସ୍କାନିଙ୍ଗ ଆଧାରରେ ପୋଲିସ ଆନ୍ଦୋଳନକାରୀ ଓ ସେମାନଙ୍କ ସମର୍ଥକ ମାନଙ୍କ ଘରେ ଚଢ଼ାଉ କରୁଛି । ଆନ୍ଦୋଳନକାରୀ ମାନଙ୍କ ପାଇଁ ଅନଲାଇନରେ ଖାଦ୍ୟ ଯୋଗାଇଥିବା ଲୋକମାନଙ୍କ ଉପରେ ଦେଶର ବିଭିନ୍ନ ସ୍ଥାନରେ ମୋକଦ୍ଦମା ରୁଜୁ କରାଯାଉଛି । ତା ସତ୍ତ୍ୱେ ମଧ୍ୟ ଆନ୍ଦୋଳନକାରୀ ଛାତ୍ର ଯୁବକ ମାନେ ଭୟଭୀତ ହୋଇ ନାହାନ୍ତି ।

ଉଲ୍ଲେଖଯୋଗ୍ୟ, ଏହି ଆନ୍ଦୋଳନ ଏଭଳି ଏକ ସମୟରେ ସଂଗଠିତ ହୋଇଛି ଯେତେବେଳେକି କେନ୍ଦ୍ରରେ ଗତ ୧୨ ବର୍ଷଧରି କ୍ଷମତାରେ ଥିବା ବିଜେପି ସରକାର ଦେଶରେ ଗଣତାନ୍ତ୍ରିକ ଆନ୍ଦୋଳନର ପରିସରକୁ ବ୍ୟାପକ ଭାବରେ ସଙ୍କୁଚିତ କରିଛି, ୟୁଏପିଏ, ପିଏମଏଲଏ, ଏନ୍‌ଏସଏ ଭଳି କଳା ଆଇନକୁ ବ୍ୟବହାର କରି ଜନ ସାଧାରଣଙ୍କ କଥା କହିବାର ଅଧିକାର, ପ୍ରତିବାଦ କରିବାର ଅଧିକାର, ଗଣତାନ୍ତ୍ରିକ ଆନ୍ଦୋଳନ କରିବାର ଅଧିକାରକୁ ଖର୍ବ କରିଛି । ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବା ଛାତ୍ର ,ଯୁବକ ମାନଙ୍କୁ ମିଛ ମାମଲାରେ ଗିରଫ କରି ବିନା ବିଚାରରେ ବର୍ଷ ବର୍ଷ ଧରି ଜେଲରେ ଭର୍ତ୍ତି କରିଦିଆଯାଉଛି । ମୁଖ୍ୟ ଧାରାର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟ ଦେଖାଇ ଓ ପ୍ରଲୋଭନ ଦେଇ ସରକାରୀ ମୁଖପତ୍ର ରେ ପରିଣତ କରାଯାଇଛି । ଦେଶର ଶୋଷିତ ଜନସାଧାରଣଙ୍କ ଜୀବନ ଜୀବିକା, ବ୍ୟଥା ବେଦନା, ଶୋଷଣ କଷଣର ବାସ୍ତବ ଚିତ୍ର ତୋଳିଧରିବା ପରିବର୍ତ୍ତେ ଏହି ଗଣମାଧ୍ୟମ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବା ଓ ସରକାରଙ୍କର ସମସ୍ତ ଜନବିରୋଧୀ ନୀତି ଓ ପଦକ୍ଷେପ ସପକ୍ଷରେ ମିଥ୍ୟା ପ୍ରଚାର କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି । ବିରୋଧୀ ରାଜନୈତିକ ଦଳ ମାନଙ୍କୁ ଅପ୍ରାସଙ୍ଗିକ କରିଦେବାକୁ ଉଦ୍ୟମ କରୁଛି । ଲୋକଙ୍କ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଉଦ୍ୟମ କରୁଥିବା ସମ୍ବାଦ ମାଧ୍ୟମ ଗୁଡ଼ିକୁ କଳା ଆଇନ ବଳରେ ବନ୍ଦ କରିଦିଆଯାଉଛି । ସ୍ୱାଧୀନଚେତା ସାମ୍ବାଦିକ ମାନଙ୍କୁ ମିଛ ମାମଲାରେ ଜେଲରେ ଭର୍ତ୍ତି କରାଯାଉଛି । ସାମାଜିକ ଗଣମାଧ୍ୟମକୁ ସରକାରୀ ନିୟନ୍ତ୍ରଣାଧୀନ କରିବାପାଇଁ ଗୋଟିଏ ପରେ ଗୋଟିଏ କଳା ଆଇନ ପ୍ରଣୟନ କରାଯାଉଛି ।

କେନ୍ଦ୍ର ବିଜେପି ସରକାର ପ୍ରଲୋଭନ ଦେଇ ଓ ଇଡି, ସିବିଆଇର ଭୟ ଦେଖାଇ ବିରୋଧୀ ରାଜନତିକ ଦଳ ଗୁଡ଼ିକୁ ଭାଙ୍ଗୁଛି, ଘୋଡ଼ା ବେପାର କରି ଗୋଟିଏ ପରେ ଗୋଟିଏ ଅଣ ବିଜେପି ଶାସିତ ସରକାରର ପତନ ଘଟାଉଛି । ବିରୋଧି ଦଳର ମୁଖ୍ୟମନ୍ତ୍ରୀ ମାନଙ୍କୁ ମଧ୍ୟ ଜେଲରେ ଭର୍ତ୍ତି କରୁଛି । କେନ୍ଦ୍ର ବିଜେପି ସରକାର ନାଗରିକ ମାନଙ୍କର ସାମ୍ବିଧାନିକ, ଗଣତାନ୍ତ୍ରିକ ଅଧିକାର ଓ ବାକ ସ୍ୱାଧୀନତା ଉପରେ ବର୍ବର ଆକ୍ରମଣ ଚଳାଇ ଥିଲାବେଳେ ଏହି ସମ୍ବିଧାନ ପ୍ରଦତ୍ତ ଅଧିକାର ଗୁଡ଼ିକୁ ସୁରକ୍ଷିତ କରିବା କ୍ଷେତ୍ରରେ ବିଚାର ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଚି । କେବଳ ବିଫଳ ହୋଇଚି ତା ନୁହେଁ, ବିଚାର ବିଭାଗ ଖୋଲାଖୋଲି ଭାବରେ ଶାସନକଳର ଏକ ଅଙ୍ଗରେ ପରିଣତ ହୋଇଛି । ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାରେ ମୁକ୍ତ, ସ୍ୱାଧୀନ, ନିରପେକ୍ଷ ବିଚାର ବିଭାଗ ଯେ ଏକ ଅଳିକ କଳ୍ପନା ତାହା ବିତି ଯାଉଥିବା ପ୍ରତ୍ୟେକ ଦିନ ସ୍ପଷ୍ଟରୁ ସ୍ପଷ୍ଟତର ହେଉଚି । ଦେଶରେ ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନାର ଗୁରୁ ଦାୟିତ୍ୱ ବହନ କରୁଥିବା ନିର୍ବାଚନ କମିଶନକୁ ମଧ୍ୟ ସରକାରଙ୍କର ଏକ ଗୋଡ଼ାଣିଆ ସଂସ୍ଥା ରେ ପରିଣତ କରାଯାଇଛି । ଫଳରେ ଶାସକ ବିଜେପି ଦଳକୁ ସୁହାଇବାଭଳି ପଦକ୍ଷେପ ଗ୍ରହଣ କରି ନିର୍ବାଚନ କମିଶନ ସମଗ୍ର ଦେଶରେ ନିର୍ବାଚନକୁ ନିର୍ଲ୍ଲଜ ଭାବରେ ପ୍ରହସନରେ ପରିଣତ କରିଛି ।

କେନ୍ଦ୍ର ବିଜେପି ସରକାର ସିଏଏ – ଏନ୍‌ଆରସି ବିରୋଧୀ ଆନ୍ଦୋଳନକୁ ନିର୍ମମ ଭାବରେ ଦମନ କରିବାର କିଛି ବର୍ଷପରେ ନିର୍ବାଚନ କମିସନକୁ ଆୟୁଧ କରି ଏସଆଇଆର ନାମରେ ଦେଶରେ ଅଘୋଷିତ ଏନ୍‌ଆରସି ଚାଲୁ କରିଛି । ଇତି ମଧ୍ୟରେ ଦେଶର କୋଟି କୋଟି ଲୋକଙ୍କ ନାମ ବିଭିନ୍ନ ଆଳରେ ଭୋଟର ତାଲିକାରୁ ବାଦ ଦିଆଯାଇଛି । ଯେଉଁ ଦେଶରେ ନିଜ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଯୋଗାଡ ନକରିପାରି ଦାନ ମାଝୀ ମାନେ ଭଉଣୀର କଙ୍କାଳକୁ କବରରୁ ବାହାର କରି କାନ୍ଧରେ ବୋହି ବ୍ୟାଙ୍କକୁ ଯାଆନ୍ତି ସେଇ ଦେଶରେ ଆବଶ୍ୟକ କାଗଜପତ୍ର ନଥିବାରୁ କୋଟି କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ଓ ବାଦ ପଡ଼ିଥିବା ଲୋକଙ୍କୁ ସରକାରୀ ସହାୟତାରୁ ବଂଚିତ କରିବାଭଳି କ୍ରୁର ପଦକ୍ଷେପ ଗ୍ରହଣ କରାଯାଉଛି । ଏହିଭଳି ଭାବରେ ଓଡିଶାରେ ପ୍ରାୟ ୨୦ ଲକ୍ଷରୁ ଅଧିକ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି । ଭୋଟ ଦେବା ଭଳି ଅତ୍ୟନ୍ତ ମୌଳିକ ଅଧିକାରକୁ ଛଡାଇ ନିଆଯାଇଛି । ଏହିଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଭୋଟ ଅଧିକାରରୁ ବଂଚିତ ଜନସାଧାରଣଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ସୁପ୍ରିମ କୋର୍ଟ ର ଜନୈକ ବିଚାରପତିଙ୍କ ଖାମ୍ ଖିଆଲି ଓ ସମ୍ବେଦନତାହୀନ ମନ୍ତବ୍ୟ – 'ଏଥର ଭୋଟ ନଦେଲେ ପର ନିର୍ବାଚନରେ ଭୋଟ ଦେବେ', ଲକ୍ଷ ଲକ୍ଷ ଲୋକଙ୍କୁ ଗଭୀର ଭାବରେ ନିରାଶ କରିଛି । ଏସଆଇଆର ଜରିଆରେ ଦେଶରେ ଭୋଟ ଦାନର ଅଧିକାରରୁ ବଞ୍ଚିତ ବିଶାଳ ସଂଖ୍ୟକ ଲୋକଙ୍କୁ ନାହିଁ ନଥିବା ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେବାର ଉଦ୍ୟମ ଆରମ୍ଭ ହୋଇଛି । ସେମାନଙ୍କୁ ବେଆଇନ୍ ଅନୁପ୍ରବେଶକାରୀ ଭାବରେ ଚିହ୍ନିତ କରି ଅଟକ ଶିବିରରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରଖିବା ପାଇଁ ପ୍ରସ୍ତୁତି ଚାଲିଛି । ଆସାମ ରାଜ୍ୟର ଅଭିଜ୍ଞତାରୁ ଆମେ ଏହାର ଭୟାବହ ପରିଣତି ସମ୍ପର୍କରେ ଅବଗତ । ଦେଶର ପ୍ରତିଟି ବ୍ୟକ୍ତିର ନାଗରିକତା ଆଜି ସନ୍ଦେହ ଘେରରେ । କେଉଁ ଦଲିଲ ନାଗରିକତାର ପ୍ରମାଣ ସେକଥା କେହି ଜାଣେନାହିଁ । ଏହିଭଳି ଭାବରେ ସମଗ୍ର ଦେଶର ଜନସାଧାରଣଙ୍କୁ ଚୂଡ଼ାନ୍ତ ଅନିଶ୍ଚୟତା ମଧ୍ୟକୁ ଠେଲି ଦିଆଯାଇଛି । ଏହି ବ୍ୟବସ୍ଥାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ, ସାମାଜିକ ଭାବରେ ଦୁର୍ବଳ ବର୍ଗର ଲୋକ ଓ ମହିଳା ।

କେବଳ ଏତିକି ନୁହେଁ, ସାଧାରଣ ଲୋକଙ୍କ ପେଟ ପାଟଣା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଗୋଟିଏ ପରେ ଗୋଟିଏ ନିଷ୍ଠୁର ଆକ୍ରମଣ ଚଳାଇଛନ୍ତି । ବେକାରୀର ଜ୍ୱାଳାରେ ଯୁବସମାଜ ହାହାକାର କରୁଛି । ଶ୍ରମିକ ମାନଙ୍କର ଅଧିକାର ଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଛଡ଼ାଇ ନିଆଯାଉଛି । ସ୍ଥାୟୀ କାମ ଆଜି ସ୍ୱପ୍ନରେ ପରିଣତ ହୋଇଛି । ଗୋଟିଏ ପଟରେ ଦରଦାମ୍ ହୁ ହୁ କରି ବଢ଼ି ଚାଲିଛି, ଅନ୍ୟ ପଟରେ ଶ୍ରମିକର ମଜୁରୀ ବଢୁନାହିଁ । ଦିନକୁ ୧୦/ ୧୨ ଘଣ୍ଟା ହାଡ଼ଭଙ୍ଗା ପରିଶ୍ରମ କରି ମଧ୍ୟ ଶ୍ରମିକ ପକ୍ଷରେ ଢୋକେ ପିଇ ଦଣ୍ଡେ ଜିଇଁବା ଅସମ୍ଭବ ହୋଇ ପଡିଛି, ମର୍ଯ୍ୟାଦାଜନକ ଜୀବନ ବଂଚିବା ତ ଦୂରର କଥା । ଚାଷୀ ଜୀବନରେ ଅସରନ୍ତି ଦୁର୍ଦ୍ଦଶା । ସାର, ବିହନ, ପୋକମରା ଔଷଧର ଦର ପ୍ରତିବର୍ଷ ବଢ଼ି ଚାଲିଛି, କଳାବଜାର ହେଉଛି । ହେଲେ ଫସଲର ଦର୍ ବଢୁନାହିଁ । ଚାଷୀ ଫସଲର ଅଭାବୀ ବିକ୍ରିକରି ସର୍ବସ୍ୱାନ୍ତ ହେଉଛି, ଚାଷ ଛାଡ଼ି ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରୁଛି, ଗୋଡ଼ ହାତ ହରେଇ ପଙ୍ଗୁ ହେଇ ଫେରୁଛି, ନହେଲେ ଆତ୍ମହତ୍ୟାର ରାସ୍ତା ବାଛି ନେଉଛି । ହା ହୁତାସ ଭିତରେ କ୍ଷୁଦ୍ର, ମଧ୍ୟମଧରଣ, ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ଜୀବନ ଯାପନ କରୁଛି । ନାରୀ ଜୀବନର ପୀଡ଼ା ଓ ବେଦନା ଅବର୍ଣ୍ଣନୀୟ । ଶିଶୁ ଠାରୁ ଆରମ୍ଭକରି ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ବୟସ ଗୋଷ୍ଠୀର ନାରୀ ମାନଙ୍କ ଉପରେ ଯୌନ ନିର୍ଯାତନା ଓ ଅତ୍ୟାଚାର ସମସ୍ତ ସୀମା ଲଂଘିଛି । ଶାସକ ବିଜେପି ଦଳର ବଡ଼ ପଣ୍ଡାମାନେ ନାରୀ ନିର୍ଯାତନାକାରୀ ମାନଙ୍କର ମୁଖ୍ୟ ପୃଷ୍ଠପୋଷକ ପ୍ରମାଣିତ ହୋଇଛନ୍ତି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

### ଦିଲ୍ଲୀର ଛାତ୍ର ଯୁବ . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସାଧାରଣ ଘରର ପିଲା ମାନଙ୍କର ପାଠ ପଢ଼ିବାର ସୁଯୋଗ କ୍ରମଶଃ ସଙ୍କୁଚିତ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶିକ୍ଷାପାଇଁ ବ୍ୟୟବରାଦ ହ୍ରାସ କରି ଚାଲିଛନ୍ତି। କେନ୍ଦ୍ର ବିଜେପି ସରକାରର ଗତ ୧୨ ବର୍ଷର ଶାସନ କାଳରେ ଶିକ୍ଷା ବଜେଟ୍ ଶତକଡ଼ା ୫୦ ଭାଗ ହ୍ରାସ ପାଇଛି। ବିଜେପି ଶାସନରେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ପ୍ରାୟ ଏକ ଲକ୍ଷ ପ୍ରାଥମିକ ସ୍କୁଲ ବନ୍ଦ ହୋଇଛି। ସରକାରୀ ସ୍କୁଲକୁ ସରକାର ପରିକଳ୍ପିତ ଭାବରେ ରୁଗ୍ଣ କରୁଛନ୍ତି। ସ୍ୱାଧୀନତାର ୮୦ ବର୍ଷପରେ ମଧ୍ୟ ଗୋଟିଏ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଓ ଗୋଟିଏ ଶ୍ରେଣୀ ଗୃହର ବ୍ୟବସ୍ଥା କରାଗଲା ନାହିଁ। ସ୍କୁଲ ରେ ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀ କଥା ପଚାରେ କିଏ। ଏହି ପରିସ୍ଥିତିରେ ଅଭିଭାବକ ମାନେ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଇବାକୁ ବାଧ୍ୟ ହେଉଛନ୍ତି। ପଢ଼ା ଖର୍ଚ୍ଚ ଦ୍ରୁତ ବଢ଼ି ଚାଲିଛି। ମଧ୍ୟବିତ୍ତ ମାନଙ୍କପାଇଁ ମଧ୍ୟ ଦ୍ରୁତ ବଢ଼ି ଚାଲିଥିବା ପଢ଼ା ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ଦେଶର ଆଇଆଇଟି ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କଠାରୁ ଆଦାୟ କରାଯାଉଥିବା ଫି ଗତ ୧୦ ବର୍ଷରେ ୨୨୨ ଗୁଣ ବୃଦ୍ଧି ପାଇଛି। ଡାକ୍ତରୀ ପଢ଼ିବା ଫି ମଧ୍ୟ ଅନୁରୂପ ଭାବରେ ବଢ଼ିଛି। ଅନ୍ୟ ସମସ୍ତ କ୍ଷେତ୍ରରେ ଲଗାମ୍ ଛଡ଼ା ଫି ବୃଦ୍ଧି ଚାଲିଛି। ପୁଣି ଚଢ଼ା ଫି ଦେଇ ମଧ୍ୟ ଯାହା ପଢ଼ା ଯାଉଛି ସେଥିରେ ପ୍ରକୃତ ପାଠ କମ୍, କାହଣୀ ଅଧିକ। ପୁଣି ଜମି ବାଡ଼ି ବିକ୍ରିକରି, ଋଣ କରି ପାଠ ପଢ଼ିବାପରେ ନିଯୁକ୍ତିର କୌଣସି ସୁଯୋଗ ନାହିଁ। ବର୍ଷ ବର୍ଷ ଧରି ଚାକିରି ପାଇଁ ପ୍ରସ୍ତୁତି କରିବାପରେ ମଧ୍ୟ ଲକ୍ଷ ଲକ୍ଷ ସ୍ଥାୟୀ ସରକାରୀ ପଦବୀ ଖାଲି ପଡ଼ିଥିଲେ ବି ଚାକିରି ବାହାରୁନାହିଁ । ଯାହା ଅଳ୍ପ ସଂଖ୍ୟକ ଚାକିରି ବାହାରୁଛି ବାର ବାର ସେସବୁ ପରୀକ୍ଷାର ପେପର ଲିକ୍ ହେଉଛି। ଉପରୁ ତଳ ପର୍ଯ୍ୟନ୍ତ ସୀମାହୀନ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ। ଗୋଟିଏ ଦିଗରେ ଅତଳ ଦାରିଦ୍ର୍ୟ ଓ ଅନ୍ୟଦିଗରେ ରାଜନୈତିକ ନେତା, ପଦସ୍ଥ ଅମଲା ଓ ଅଭିଜାତ ବର୍ଗର ସୀମାହୀନ ବିଳାସ ବ୍ୟସନ। ଏସବୁ ସମାଜ ଅଭ୍ୟନ୍ତରରେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷ କରି ଛାତ୍ର, ଯୁବକ, ତରୁଣ, ତରୁଣୀ ମାନଙ୍କ ମଧ୍ୟରେ ଗଭୀର ଅବମାନନାବୋଧ, କ୍ରୋଧ ଓ ପୁଞ୍ଜିଭୂତ ଅସନ୍ତୋଷ ଦୀର୍ଘ ସମୟଧରି କୁହୁଳୁଛି। ଏହି ପୁଞ୍ଜିଭୂତ କ୍ରୋଧ ଓ ଗଭୀର ଅସନ୍ତୋଷ ବାର ବାର ସ୍ୱତସ୍ଫୁର୍ତ୍ତ ଆନ୍ଦୋଳନ ରୂପରେ ମୁଣ୍ଡଟେକି ଉଠୁଛି। ୨୦୧୯ - ୨୦ ମସିହାର ସିଏଏ - ଏନ୍ଆରସି ଆଇନ ବିରୋଧୀ ଆନ୍ଦୋଳନ, ୨୦୨୦-୨୧ ର ବିଜୟୀ ଐତିହାସିକ କୃଷକ ଆନ୍ଦୋଳନ, ୨୦୨୨ ମସିହାରେ ସମଗ୍ର ଉତ୍ତର ପ୍ରଦେଶ, ବିହାର ଓ ତେଲେଙ୍ଗାନାର ବ୍ୟାପକ ଅଂଚଳରେ ଜଙ୍ଗଲର ନିଆଁ ଭଳି ବ୍ୟାପୀ ଯାଇଥିବା ଅଗ୍ନିବୀର ନିଯୁକ୍ତି ବିରୋଧୀ ଆନ୍ଦୋଳନ ଓ କିଛି ମାସ ପୂର୍ବରୁ ଦିଲ୍ଲୀ ଓ ଆଖପାଖ ଅଂଚଳରେ ଗଢିଉଠିଥିବା ସ୍ୱତଃସ୍ଫୁର୍ତ୍ତ ଶ୍ରମିକ ଆନ୍ଦୋଳନ, ଏହି ପୁଞ୍ଜିଭୂତ ଅସନ୍ତୋଷ ଓ କ୍ରୋଧର ହିଁ ପରିପ୍ରକାଶ।

ସମ୍ପ୍ରତି ବାରୁଦଗଦାରେ ଅଗ୍ନି ସଂଯୋଗ କରିବାଭଳି ଏହି କ୍ରୋଧ ଜର୍ଜରିତ ଅବମାନିତ ଯୁବକ, ଛାତ୍ର ଓ ତରୁଣ ମାନଙ୍କପ୍ରତି ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କର ଗୋଟିଏ ଅମର୍ଯ୍ୟାଦାଜନକ ମନ୍ତବ୍ୟକୁ କେନ୍ଦ୍ରକରି ତରୁଣ ବାହିନୀର ଆକ୍ରୋଶ ସୁପ୍ତ ଆଗ୍ନେୟଗିରିର ଉଦ୍ଗିରଣ ଭଳି ଫାଟି ପଡ଼ିଛି ଏବଂ ଜୁଲାଇ ୨୦ର ନଜିର ବିହୀନ ଆନ୍ଦୋଳନ - ଯାହା ଉଭୟ ଆନ୍ଦୋଳନକାରୀ ଓ ସରକାରଙ୍କ ପକ୍ଷରେ ଅଚିନ୍ତନୀୟ ଥିଲା - ଗଢ଼ି ଉଠିଛି।

ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ବିଜୟୀ କୃଷକ ଆନ୍ଦୋଳନର ୪ ବର୍ଷ ପରେ ସମ୍ପ୍ରତି ନିଟ - ଯୁଜି ପେପର୍ ଲିକ୍ ବିରୋଧୀ ତରୁଣ, ଛାତ୍ର ଓ ଯୁବକ ମାନଙ୍କର ଜନ୍ତର ମନ୍ତର ଆନ୍ଦୋଳନ ମଧ୍ୟ ଉଦ୍ଧତ କେନ୍ଦ୍ର ସରକାରକୁ ନତମସ୍ତକ ହେବା ପାଇଁ ବାଧ୍ୟ କରିଛି। ଏହି ବିଜୟୀ ଆନ୍ଦୋଳନ ନିଃସନ୍ଦେହରେ ଦେଶର ସାମ୍ପ୍ରତିକ ଶ୍ୱାସରୁଦ୍ଧକାରୀ ପରିସ୍ଥିତିରେ ନୂଆ ଆଶାର ଆଲୋକ ଆଣିଦେଇଛି, ଘନ ଅନ୍ଧକାର ମଧ୍ୟରେ ବିଜୁଳିର ଚମକ ସୃଷ୍ଟି କରିଛି। ଆଗାମୀ ଦିନର ଗଣ ଆନ୍ଦୋଳନ ଓ ଗଣ ଅଭ୍ୟୁତ୍ଥାନର ଦ୍ୱାର ଉନ୍ମୁକ୍ତ କରିଛି।

ଏଠାରେ ଆମେ ଉଲ୍ଲେଖ କରିବାକୁ ଚାହୁଁ ଯେ ଦିଲ୍ଲୀ ସୀମାନ୍ତରେ ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନର ଆଶୁ ଦାବି ପୂରଣ କରିବାକୁ ବାଧ୍ୟ ହୋଇଥିଲେ ମଧ୍ୟ ଏମ୍ଏସପି କୁ ଆଇନ ଗତ ମାନ୍ୟତା ପ୍ରଦାନ ଓ ଅନ୍ୟାନ୍ୟ ଦାବି ପୂରଣପାଇଁ କେନ୍ଦ୍ର ସରକାର କୃଷକ ମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଆନ୍ଦୋଳନ ପ୍ରତ୍ୟାହାର କରାଯିବାର ୫ ବର୍ଷ ପରେ ମଧ୍ୟ ପାଳନ କରିନାହିଁ। କୃଷକ ସଂଗଠନ ମାନଙ୍କ ପକ୍ଷରୁ ବାର ବାର ଦାବି କଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଭାରତ ଆମେରିକା ବାଣିଜ୍ୟ ଚୁକ୍ତିକୁ କେନ୍ଦ୍ରକରି ପୁନର୍ବାର ସମଗ୍ର ଦେଶରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକୁଛି। ହେଲେ ସରକାର ସେହି ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି।

ସେହିଭଳି ବର୍ତ୍ତମାନର ତରୁଣ ,ଛାତ୍ର ଓ ଯୁବକ ମାନଙ୍କ ବିଜୟୀ ଆନ୍ଦୋଳନ ଏହାର ଆଶୁ ଦାବି ପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ବାଧ୍ୟ କରିଥିଲେ ମଧ୍ୟ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସୀ (NTA) ଜରିଆରେ କରାଯାଉଥିବା ନିଟ - ଯୁଜି ସମେତ ଅନ୍ୟାନ୍ୟ ବହୁ ପରୀକ୍ଷାକୁ କେନ୍ଦ୍ରକରି ରହିଥିବା ସମସ୍ୟାର କୌଣସି ସମାଧାନ ହୋଇନାହିଁ। ଆନ୍ଦୋଳନ ଚାପରେ କେନ୍ଦ୍ର ସରକାର ଲୋକ ଦେଖାଣିଆ ଭାବରେ ତଥାକଥିତ କଡ଼ା ପେପର୍ ଲିକ୍ ବିରୋଧି ଆଇନ ପ୍ରଣୟନ କରିଥିଲେ ମଧ୍ୟ ଏ ସଂକ୍ରାନ୍ତୀୟ ମୂଳ ସମସ୍ୟାର ସମାଧାନ ହୋଇନାହିଁ। ଏନଟିଏ ଓ ନିଟ ପରୀକ୍ଷା ଉଚ୍ଛେଦ ହୋଇନାହିଁ। ଏହାବ୍ୟତୀତ ଶିକ୍ଷାର ଘରୋଇକରଣ, ଶିକ୍ଷାକ୍ଷେତ୍ରରେ କ୍ରମାଗତ ଫିସ୍ ବୃଦ୍ଧି, ଯୋଜନାବଦ୍ଧ ଭାବରେ ଅଧିକରୁ ଅଧିକ ପିଲାଙ୍କୁ ଶିକ୍ଷାର ସୁଯୋଗରୁ ବଂଚିତ କରିବା ସଂଗେ ସଂଗେ, ଶିକ୍ଷା ପାଠ୍ୟକ୍ରମରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ କରାଯାଉଛି, କୁସଂସ୍କାର, ଅନ୍ଧବିଶ୍ୱାସ ପ୍ରସାର କରୁଥିବା ବିଷୟବସ୍ତୁ ସ୍ଥାନିତ କରାଯାଇଛି, ଶିକ୍ଷାର ମାରାତ୍ମକ କେନ୍ଦ୍ରୀକରଣ ଓ ଅମଲାତାନ୍ତ୍ରିକରଣ ପ୍ରକ୍ରିୟା ଚାଲିଛି। ଦଳ ମତ ନିର୍ବିଶେଷରେ ଯେଉଁ ଦଳ ବି କେନ୍ଦ୍ର ଓ ରାଜ୍ୟ ମାନଙ୍କରେ କ୍ଷମତାସୀନ ହେଉ ନା କାହିଁକି ସମସ୍ତ ସରକାର ସେଇ ଏକା ଶିକ୍ଷାନୀତି ଅନୁସରଣ କରୁଛନ୍ତି। ଏସବୁର ପ୍ରତିବାଦରେ ଦୀର୍ଘସ୍ଥାୟୀ, ଶକ୍ତିଶାଳୀ, ସଚେତନ ସଂଗଠିତ ଆନ୍ଦୋଳନ ଗଢ଼ିତୋଳିବାର ଜରୁରୀ ଆବଶ୍ୟକତା ରହିଛି।

ଏହା ବ୍ୟତୀତ କେବଳ ଛାତ୍ର ମାନଙ୍କ ସମସ୍ୟା ନୁହେଁ ବୃହତ୍ତର ଜନସମାଜର ବିଭିନ୍ନ ବର୍ଗର ଲୋକଙ୍କର ସମସ୍ୟାକୁ ନେଇ ମଧ୍ୟ ଲଢୁଆ ଆନ୍ଦୋଳନ ଗଢ଼ି ଉଠିବା ଆବଶ୍ୟକ। ପ୍ରଚଳିତ ଶୋଷଣମୂଳକ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା କବଳରୁ ସାଧାରଣ ମଣିଷକୁ ଚିରଦିନ ପାଇଁ ମୁକ୍ତ କରିବାକୁ ହେଲେ ଏହିଭଳି ଶକ୍ତିଶାଳୀ ଗଣ ଆନ୍ଦୋଳନଗୁଡ଼ିକୁ ସେହି ଲକ୍ଷ୍ୟରେ ପରିଚାଳିତ କରିବା ପାଇଁ ଶୋଷିତ ଜନଗଣଙ୍କ ନିଜସ୍ୱ ବିକଳ୍ପ ରାଜନୈତିକ ଶକ୍ତି ଗଢ଼ିତୋଳିବା ଅପରିହାର୍ଯ୍ୟ ପ୍ରୟୋଜନ। ଏହା ସନ୍ଦେହାତୀତ ଯେ, ଜୁଲାଇ ୨୦ ଦିଲ୍ଲୀର କିଶୋର, ଛାତ୍ର, ଯୁବକ ମାନଙ୍କର ସଫଳ ଆନ୍ଦୋଳନ ଶୋଷଣ ମୁକ୍ତି ପାଇଁ ଶୋଷିତ ଶ୍ରେଣୀର ମୁକ୍ତି ଆନ୍ଦୋଳନ ରାସ୍ତାରେ ଏକ ମାଇଲ ଖୁଣ୍ଟ ପ୍ରମାଣିତ ହେବ। ଦୃଢ଼ପ୍ରତିଜ୍ଞ ତରୁଣ, ଛାତ୍ର, ଯୁବକ ମାନଙ୍କର ଏହି ଆନ୍ଦୋଳନ ସମଗ୍ର ଦେଶର ଜନସାଧାରଣଙ୍କ ପାଇଁ ଅଫୁରନ୍ତ ସାହସ ଓ ପ୍ରେରଣାର ଉତ୍ସ ଭାବରେ କାମ କରିବ ଏବଂ ଆଗାମୀ ବହୁ ବର୍ଷ ଧରି ଏହି ଆଖି ଖୋଲିଦେବା ଭଳି ଆନ୍ଦୋଳନ ଗଣ ଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମର ପଥରେ ଦିଗ ବାରେଣୀ ଭାବରେ କାମ କରିବ।

★★★

# ଭାରତ - ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ଡେଲାଙ୍ଗ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ




ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଆହ୍ୱାନରେ ଜୁଲାଇ ୨୨ ତାରିଖରେ ଅଲ୍ଇଣ୍ଡିଆ କିଷାନ୍ କ୍ଷେତ ମଜଦଦୁର ସଂଗଠନ (ଏଆଇକେକେଏମଏସ) ପକ୍ଷରୁ ଡେଲାଙ୍ଗ ତହସିଲ ଅଫିସ ସମ୍ମୁଖରେ ଭାରତ - ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଓ ଅନ୍ୟାନ୍ୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇକେକେଏମଏସ ପୁରୀ ଜିଲ୍ଲା ସମ୍ପାଦକ କମ୍ରେଡ଼ ସୁବାସ ବରାଳ,ବ୍ଲକ ସଭାପତି କମ୍ରେଡ୍ ଦୀନବନ୍ଧୁ ପରିଡ଼ା ଓ ସମ୍ପାଦକ କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି କହିଛନ୍ତି ଯେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ମାନେ ଦେଶର କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ କବ୍ଜା କରିବେ। ଏହାଫଳରେ ଭାରତର ଚାଷୀ ସର୍ବସ୍ୱାନ୍ତ ହେବେ। ଏହା ବ୍ୟତୀତ ବୁଲା ଗୋରୁ ଓ ଷଣ୍ଢ ମାନଙ୍କୁ ସରକାରଙ୍କ ତରଫରୁ ଗୋଶାଳା ନିର୍ମାଣ କରି ଥଇଥାନ କରିବା, ୬୦ ବର୍ଷ ବୟସ ହୋଇଥିବା ଚାଷୀଙ୍କୁ ମୁଣ୍ଡପିଛା ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ବିହନ, ସାର, କୀଟନାଶକ,କୃଷି ଯନ୍ତ୍ରପାତି ରିହାତି ଦରରେ ଯୋଗାଇଦେବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ରେଡ୍ ପଦ୍ମ ଚରଣ ଜେନା, ତ୍ରିନାଥ ପ୍ରଧାନ ପ୍ରମୁଖ ବରିଷ୍ଠ ସଂଗଠକ ମାନେ ଉପସ୍ଥିତ ଥିଲେ।

### ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପଲିଟବ୍ୟୁରୋ . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

କରିପାରୁଥିଲେ। କୌଣସି କମ୍ରେଡ୍ଙ୍କ କଥାବାର୍ତ୍ତାରେ ଶ୍ରେଣୀ ଦୃଷ୍ଟିଭଙ୍ଗୀର ଅଭାବ ଦେଖିଲେ, ନେତୃତ୍ୱ ପ୍ରତି ଆନୁଗତ୍ୟର ଅଭାବ ଦେଖିଲେ ସେ ଧରି ପାରୁଥିଲେ। ସେ ଆତ୍ମପ୍ରଚାର ବିମୁଖ ଥିଲେ। ଜୁନିୟର କମ୍ରେଡ୍ ମାନଙ୍କୁ ବିଭିନ୍ନ ଦାୟିତ୍ୱ ଦେଇ ସାମନାକୁ ଆଣିବାକୁ ସେ ଉଦ୍ୟମ କରୁଥିଲେ।

ଜୀବନର ଶେଷ କେତେ ବର୍ଷ ବିଭିନ୍ନ ଜଟିଳ ରୋଗ ଯୋଗୁ ତାଙ୍କ ଶରୀର ଭାଙ୍ଗି ଯାଇଥିଲା। ତାଙ୍କର ବାଇପାସ୍ ସର୍ଜରୀ ଓ ଆଞ୍ଜିଓପ୍ଲାଷ୍ଟି ଇତ୍ୟାଦି ହୋଇଥିଲା। ତାଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଥିଲା, ଯାହା ଫଳରେ ଶେଷ ସମୟରେ ତାଙ୍କ ମସ୍ତିଷ୍କରୁ ପ୍ରବଳ ରକ୍ତକ୍ଷରଣ ଘଟିଲା ଏବଂ ଅପରେସନ୍ କରିବା ସମ୍ଭବ ନୁହେଁ ବୋଲି ଚିକିତ୍ସକମାନେ ଜଣାଇଲେ। ଏହାର ଦୁଇ ଦିନ ପରେ ହିଁ ତାଙ୍କର ଜୀବନାବସାନ ଘଟିଲା।

ଜଣେ କମ୍ୟୁନିଷ୍ଟ ବିପ୍ଳବୀ ଭାବରେ କମ୍ରେଡ୍ ରବିନ ସମାଜପତି ଯେତେବେଳେ ଯାହା ସଠିକ୍ ବୋଲି ବୁଝିଛନ୍ତି, ତାହା ପାଳନ କରିବା କ୍ଷେତ୍ରରେ ପଛଘୁଂଚା ଦେଇନାହାନ୍ତି। ତାଙ୍କ ମୃତ୍ୟୁରେ ଭାରତବର୍ଷର ଗଣଆନ୍ଦୋଳନ ଓ ବିପ୍ଳବୀ ଆନ୍ଦୋଳନର ଯେଉଁ କ୍ଷତି ହେଲା, ତାହା ପୂରଣ କରିବାକୁ ପରବର୍ତ୍ତୀ ପିଢ଼ିର କମ୍ରେଡ୍ମାନେ ଆଗେଇ ଆସିବେ ବୋଲି ଦଳର କେନ୍ଦ୍ରୀୟ କମିଟି ଦୃଢ଼ ଆଶା ପୋଷଣ କରୁଛି।

**କମ୍ରେଡ୍ ରବିନ ସମାଜପତି**

**ଲାଲ ସଲାମ**

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 29 • ମୂଲ୍ୟ-୫ଟଙ୍କା

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀମାନଙ୍କ ଧାରଣା




ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ ପ୍ରଚଳନ ଓ ତ୍ରିଭାଷୀ ଭାଷା ନୀତି ପ୍ରଚଳନ ପ୍ରତିବାଦରେ ଜୁଲାଇ ୨୨ ତାରିଖରେ ଭୁବନେଶ୍ୱର ଗାନ୍ଧୀ ମାର୍ଗ ଧାରଣା ସ୍ଥଳରେ ଅନୁଷ୍ଠିତ ନାଗରିକ ଧାରଣାରେ ଭୁବନେଶ୍ୱର ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।

ଜୁଲାଇ ୧୨ ତାରିଖ ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ଆଲୋଚନା ସଭାର ନିଷ୍ପତ୍ତି ଅନୁଯାୟୀ ଧାରଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଧାରଣାରେ ରାଜ୍ୟର ବହୁ ଅଗ୍ରଗଣ୍ୟ ଶିକ୍ଷାବିତ୍, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ ତଥା ସଚେତନ ନାଗରିକ ଯୋଗଦେଇ ଏହି ତ୍ରୁଟିପୂର୍ଣ୍ଣ ଓ ଶିକ୍ଷାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ପରିପନ୍ଥୀ ପାଠ୍ୟପୁସ୍ତକଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଚଳିତ ବର୍ଷ ପୁରୁଣା ବହିରେ ପାଠ ପଢାଇବାକୁ ଦାବି କରିଛନ୍ତି। ଏହା ସାଙ୍ଗକୁ ରାଜ୍ୟର ବହୁ ଅଭିଜ୍ଞ ବିଷୟଭିତ୍ତିକ ଶିକ୍ଷକ, ଶିକ୍ଷାବିତ ମାନଙ୍କୁ ଜଡିତ କରାଇ ବିଜ୍ଞାନସମ୍ମତ, ଗଣତାନ୍ତ୍ରିକ ପଦ୍ଧତିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ଦାବି କରାଯାଇଛି। ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ନିଟ୍ ପେପରଲିକ୍ ବିରୋଧି ଆନ୍ଦୋଳନକାରୀ ଛାତ୍ର ଯୁବକ ମାନଙ୍କ ଉପରେ ପୁଲିସ ଓ ଅର୍ଦ୍ଧସାମରିକ ବଳର ବର୍ବର ଅତ୍ୟାଚାରକୁ ଧାରଣାସ୍ଥଳରେ ନିନ୍ଦା କରାଯାଇଥିଲା। ଧାରଣା ସ୍ଥଳରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସାରା ଭାରତ ଶିକ୍ଷା ବଂଚାଅ କମିଟିର ଓଡିଶା ଶାଖାର ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପ୍ରଫେସର ଅମିୟ ମହାନ୍ତି, ବିଶିଷ୍ଟ ପରିବେଶବିତ୍ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ଆନ୍ଦୋଳନର ନେତା ଶ୍ରୀଯୁକ୍ତ ସୁଦର୍ଶନ ଦାସ, ସଙ୍ଗଠନର ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ଡଃ ରମେଶ ନାୟକ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ଛାତ୍ର ନେତା ସିଦ୍ଧାର୍ଥ ରଥ, ଶିକ୍ଷକ ନେତା ଶ୍ରୀଯୁକ୍ତ ବିଭୂତି ନାୟକ, ଶ୍ରୀଯୁକ୍ତ ରଞ୍ଜନ କୁମାର ଲେଙ୍କା, ନୃସିଂହ ପଣ୍ଡା, ସାରା ଭାରତ ଶିକ୍ଷା ବଂଚାଅ କମିଟି ରାଜ୍ୟ ଅଫିସ୍ ସଂପାଦିକା ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ଚିତ୍ତ ରଂଜନ ମେଣ୍ଡୁଲୀ, କ୍ରିଷ୍ଣାରାଣୀ ସାହୁ, ଅକ୍ଷୟ ରାଉଳ, ଛାତ୍ର ନେତା ନସିମ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

★★★

## ରିଲିଫ ପାଇଁ ନିବେଦନ

ବନ୍ୟା ପ୍ରପୀଡିତ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରିଲିଫ୍ ପାଣ୍ଠିରେ ମୁକ୍ତ ହସ୍ତରେ ଦାନ କରିବା ପାଇଁ ନିବେଦନ।

ଯୋଗାଯୋଗ- ୯୪୩୮୦୩୩୯୩୫

# ଏଆଇଡିଏସ୍‌ଓର

## ପାର୍ଲିଆମେଣ୍ଟ ମାର୍ଚ୍ଚ ସହିତ ସଂହତି ପ୍ରକାଶ କରି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ




# ଏଆଇୟୁଟିୟୁସି ଉଦ୍ୟୋଗରେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିର




୧୧ ଓ ୧୨ ଜୁଲାଇ ୨୦୨୬ରେ ଭୁବନେଶ୍ୱରର ସାମନ୍ତରାପୁର ଠାରେ ଏଆଇୟୁଟିୟୁସି ଓଡିଶା ରାଜ୍ୟ କମିଟି ଉଦ୍ୟୋଗରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଗଠିତ,ଅଣସଂଗଠିତ ଓ ସ୍କିମ ଶ୍ରମିକଙ୍କ ୟୁନିୟନଗୁଡିକର ୧୦୬ ଜଣ ସଂଗଠକ ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଏଆଇୟୁଟିୟୁସି ଓଡିଶା ରାଜ୍ୟ ସଭାପତି କମ୍ରେଡ ଶମ୍ଭୁନାଥ ନାଏକ ଏହି ପ୍ରଶିକ୍ଷଣ ଶିବିରରେ ସଭାପତିତ୍ୱ କରିଥିଲେ। ଏଆଇୟୁଟିୟୁସି ସର୍ବ ଭାରତୀୟ କମିଟିର ସଭାପତି କମ୍ରେଡ କେ.ରାଧାକ୍ରିଷ୍ଣ, ବରିଷ୍ଠ ଉପସଭାପତି କମ୍ରେଡ ସ୍ୱପନ ଘୋଷ ଓ ସାଧାରଣ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରି ଶ୍ରମିକ ଶ୍ରେଣୀ ଉପରେ ନଇଁ ଆସୁଥିବା ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ କର୍ମୀ ସଂଗଠକମାନେ ନିଜକୁ ଆଦର୍ଶଗତ ଓ ସାଂଗଠନିକ ଭାବେ ପ୍ରସ୍ତୁତ କରିବାର ଗୁରୁତ୍ୱ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ ଜୟସେନ ମେହେର ପ୍ରାରମ୍ଭିକ ସୂଚନା ଦେଇ ଥିଲେ। ଆନ୍ତର୍ଜାତିକ ସଙ୍ଗୀତ ଗାନ ପରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସମାପ୍ତ ହୋଇଥିଲା। ★★★

# ଛାତ୍ର ଯୁବକ ମାନଙ୍କର ଐତିହାସିକ ବିଜୟକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସ୍ୱାଗତ

ଦେଶବ୍ୟାପୀ ଛାତ୍ର ଯୁବକ ମାନଙ୍କ ଆନ୍ଦୋଳନ ଚାପରେ କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗ ପ୍ରସଙ୍ଗରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ୨୦୨୬ ଜୁଲାଇ ୨୫ ତାରିଖରେ ଜାରୀ ଏକ ବିବୃତ୍ତିରେ କହିଛନ୍ତି ଯେ , 'ଭାରତର ଛାତ୍ର ଯୁବକ ମାନଙ୍କର ଐତିହାସିକ ବିଜୟକୁ ଆମେ ସ୍ୱାଗତ ଜଣାଉଛୁ, ଯାହା ଶେଷ ପର୍ଯ୍ୟନ୍ତ ଫାସିଷ୍ଟ ବିଜେପି ସରକାରକୁ ମଥାନତ କରିବାକୁ ଏବଂ କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ମାନି ନେବାକୁ ବାଧ କରିଛି।

ଆମେ ଆଶା କରୁଛୁ , ଏହି ଆନ୍ଦୋଳନ ଅବଶ୍ୟହିଁ ଦେଶର ନିପୀଡିତ ଜନସାଧାରଣଙ୍କୁ ପ୍ରଚଳିତ ଶୋଷଣ ମୂଳକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ଏହାର ସେବାରେ ନିୟୋଜିତ ଶାସକ ମାନଙ୍କ ବିରୁଦ୍ଧରେ ସଚେତନ ସଂଗ୍ରାମ ସଂଗଠିତ କରିବାପାଇଁ ଅନୁପ୍ରାଣିତ କରିବ।'

ସୂଚନା ଯୋଗ୍ୟ, ନିଟ୍ ଦୁର୍ନୀତି ପ୍ରତିବାଦରେ ଆନ୍ଦୋଳନ ଚାଲିଥିବାବେଳେ ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗ ଦାବିରେ ଆନ୍ଦୋଳନରତ ଛାତ୍ର ଯୁବକ ଏବଂ ଅଭିଭାବକ ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇ ଜୁଲାଇ ୨୧ ତାରିଖରେ ଏକ ପ୍ରେସ ବିବୃତିରେ କମ୍ରେଡ୍ ପ୍ରଭାସ ଘୋଷ ଦିଲ୍ଲୀର ଜନ୍ତର ମନ୍ତରରେ ଛାତ୍ର - ଯୁବକ ମାନଙ୍କର ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ କେନ୍ଦ୍ର ସରକାରର ନିର୍ବିଚାର ପାଶବିକ ପୁଲିସ ଆକ୍ରମଣ ଓ ନିର୍ଯାତନାକୁ ଅମାନବିକ ଓ ବର୍ବର ବୋଲି ଅବିହିତ କରି ତୀବ୍ର ଧିକ୍କାର ଜଣାଇଥିଲେ। ଛାତ୍ର ମାନଙ୍କର ନ୍ୟାୟସଙ୍ଗତ ଦାବି ଗୁଡ଼ିକୁ ଅବିଳମ୍ବେ ମାନି ନେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ସେ ଦାବି କରିଥିଲେ।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das